Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 112
Saturday, 27 June 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୨୭ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ

SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଶିଳ୍ପାୟନ ରେସରେ ସବୁ ରେକର୍ଡ଼ ଭାଙ୍ଗିବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫/୬ (ଆ.ପ୍ର) : ଓଡ଼ିଶାର ବିକାଶରେ ଶିଳ୍ପାୟନର ବଡ଼ ଯୋଗଦାନ ରହିବ । ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଶିଳ୍ପ ବିକାଶ ଓ ଆଂଚଳିକ ଅଭିବୃଦ୍ଧି ପାଇଁ ନୂଆ ରୋଡ୍‌ମାପ୍ ଉପସ୍ଥାପନ କରିଛନ୍ତି । ଓଡ଼ିଶା ସହ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ 'ଗୋ ଇଷ୍ଟ' ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଂଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଘୋଷଣା ଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେଣ୍ଡ୍ ଓ ମାର୍କେଟ୍‌କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗପାଇବେ । ଗତ ୨ ବର୍ଷରେ ଓଡ଼ିଶାର ଶିଳ୍ପାୟନ ବ୍ୟାପକ ସ୍ତରରେ ପହଞ୍ଚିଛି । ଆଗାମୀ ୫ବର୍ଷରେ ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ । ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ କହିଲେ, ଗୋ ଇଷ୍ଟ ନୀତି ଅଧୀନରେ ରାଜ୍ୟରେ ଏକ ଇଜଲାୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ସମସ୍ତ ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବ । ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍

ଟାଇମ୍ (ରିଆଲ୍) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର 'ଗୋ ସ୍ପିଡ୍' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ । ଏହି ପଦକ୍ଷେପ ଫଳରେ ରାଜ୍ୟର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଂଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ । ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍- ୨୦୨୨ରେ ସଂଶୋଧନ କରାଯାଇଥିବା ସୂଚନା ଦେଇଛନ୍ତି । ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅଗ୍ରଗତିର ଓ ପଛୁଆ ଅଂଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ । ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ଶିଳ୍ପଦ୍ୟୋଗୀମାନଙ୍କୁ କହିଥିଲେ ଯେ, ଟିଗର କିମ୍ବା ଦର୍ଶକ ଧରି ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ ଭାରତର ଉପରେ ନିର୍ଭର କରୁଥିଲା । ମାତ୍ର ବର୍ତମାନ ଭାରତର ବିକାଶ କାହାଣୀର ପରବର୍ତୀ ବଡ଼ ଅଧ୍ୟାୟ ପୂର୍ବ ଭାରତରେ ଲେଖାଯାଇଛି । ଆମର ଲକ୍ଷ୍ୟ ହେଉଛି 'ସମୃଦ୍ଧ ଓଡ଼ିଶା ୨୦୩୬' ଭିଜନକୁ 'ବିକଶିତ ଭାରତ ୨୦୪୭' ସହିତ ଯୋଡ଼ି ରାଜ୍ୟକୁ ପୂର୍ବ ଭାରତର ସବୁଠାରୁ ନିବେଶକ-ଅନୁକୂଳ ସ୍ଥାନ ଭାବେ ଗଢ଼ି ତୋଳିବା । ଏହି ରୂପାନ୍ତରଣରେ ଓଡ଼ିଶା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ପ୍ରକାଶ କରିଥିଲେ । ଜୁନ୍ ୨୦୨୪ଠାରୁ ଓଡ଼ିଶା ସରକାର ପ୍ରାୟ ୯.୫ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟର ଯୁବ ଶକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପାଣ୍ଡାରସଂଙ୍ଗ ଉପସ୍ଥାପନା ମାଧ୍ୟମରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ନିବେଶର ସମଗ୍ର ଚିତ୍ର ସିଆଇଆଇ ସଦସ୍ୟମାନଙ୍କ ସାମ୍ନାରେ ରଖିଥିଲେ । ସଚ୍ଚିକିନୀ ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଶିଳ୍ପ ଘୋଷଣାକୁ ଓଡ଼ିଶାର ପ୍ରଗତିରେ ସହଭାଗୀ ହେବାକୁ ଆହ୍ୱାନ ଦେଇ 'ବିକଶିତ ଭାରତ ୨୦୪୭' ଘଟନ ଦିବସରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ଏହି ସଚ୍ଚିକିନୀରେ ସରକାରୀ ମୁଖ୍ୟ ସଚିବଙ୍କ ସରେଜ ପ୍ରଧାନ, ଜଳବିଭବ ପରିଚାଳନା ନିର୍ଦ୍ଦେଶିକା ଆଦୋଲି ସ୍ୱପ୍ନାଲ ନରଭାଣେ, ସିଆଇଆଇ ପୂର୍ବ ଆଂଚଳିକ ଉପାଧ୍ୟକ୍ଷ ରୁଦ୍ର ଚାଟାର୍ଜୀ, ଓଡ଼ିଶା କାଉନସିଲ୍ ଅଧ୍ୟକ୍ଷ ଅନିଲ କୁମାର ସିଂହଙ୍କ ସମେତ ବହୁ ବିଶିଷ୍ଟ ଶିଳ୍ପପତି ଉପସ୍ଥିତ ଥିଲେ ।

ଲାଲଜୀ ଦେଶାଇ ଓଡ଼ିଶା କଂଗ୍ରେସ ନୂଆ ପ୍ରଭାରୀ

ଭୁବନେଶ୍ୱର, ୨୫/୬ (ଆ.ପ୍ର) : ସାଙ୍ଗଠନିକ ଭିତ୍ତିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଶୁକ୍ରବାର ଗୁଜରାଟର ବରିଷ୍ଠ କଂଗ୍ରେସ ନେତା ଲାଲଜୀ ଦେଶାଇଙ୍କୁ ଓଡ଼ିଶାର ନୂଆ ଏଆଇସିସି ପ୍ରଭାରୀ ଭାବେ ନିଯୁକ୍ତ କରିଛି । ସେ ବର୍ତମାନର ପ୍ରଭାରୀ ଅଜୟ କୁମାର ଲଲୁଙ୍କ ସ୍ଥାନ ନେବେ । ଏହି ନିଯୁକ୍ତି ଦୁଇଜଣ କାର୍ଯ୍ୟକାରୀ ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେ.ସି. ଭେଣୁଗୋପାଳ ଜାରି କରିଥିବା ବିଜ୍ଞପ୍ତିରେ କୁହାଯାଇଛି । ସୂଚନାଯୋଗ୍ୟ, ଲାଲଜୀ ଦେଶାଇ କଂଗ୍ରେସର ଜଣେ ଦକ୍ଷ ସାଙ୍ଗଠନିକ ନେତା ଭାବେ ପରିଚିତ । ସେ ୨୦୧୮ ମସିହାରୁ ଅଖିଳ ଭାରତୀୟ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଭାବେ କାର୍ଯ୍ୟ କରୁଛନ୍ତି । ଦଳର ସାଙ୍ଗଠନିକ ବିସ୍ତାର, କର୍ମୀ ପ୍ରଶିକ୍ଷଣ, ସଦସ୍ୟତା ଅଭିଯାନ ଏବଂ ନିର୍ବାଚନୀ ପ୍ରସ୍ତୁତିରେ ତାଙ୍କର ବାଗ୍ମି ଅଭିଜ୍ଞତା ରହିଛି । ସେ କଂଗ୍ରେସ ସ୍କ୍ରୀନିଂ କମିଟିର ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ମଧ୍ୟ ଅଟନ୍ତି । ଅନ୍ୟପକ୍ଷରେ, ଉତ୍ତର ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଅଜୟ କୁମାର ଲଲୁ ୨୦୨୪ ଲୋକସଭା ଓ ବିଧାନସଭା ନିର୍ବାଚନ ପରବର୍ତୀ ସମୟରେ ଓଡ଼ିଶାର ଦାୟିତ୍ୱ ସମ୍ଭାଳିଥିଲେ । ତାଙ୍କ କାର୍ଯ୍ୟକାଳରେ ରାଜ୍ୟ କଂଗ୍ରେସର ସାଙ୍ଗଠନିକ ପୁନର୍ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତିଙ୍କ ନିଯୁକ୍ତି ସହ 'ସଙ୍ଗଠନ ସୃଜନ ଅଭିଯାନ' ମାଧ୍ୟମରେ ବୁଥ୍ ସ୍ତରରେ ଦଳକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା । ଏଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ଲଲୁଙ୍କ ଅବଦାନକୁ ପ୍ରଶଂସା କରାଯାଇଛି । ୨୦୨୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଦଳୀୟ ସଂଗଠନକୁ ମଜଭୁତ କରିବା, ବୁଥ୍ ସ୍ତରରେ କର୍ମୀଙ୍କୁ ସକ୍ରିୟ କରିବା ଏବଂ ରାଜ୍ୟ ନେତୃତ୍ୱ ସହ ସମନ୍ୱୟ ବୃଦ୍ଧି କରିବା ଲାଲଜୀ ଦେଶାଇଙ୍କ ପାଇଁ ପ୍ରମୁଖ ଆହ୍ୱାନ ହେବ ।

ଇସ୍ତଫା ଦେଲେ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ମୁଖ୍ୟ ଚମ୍ପତ ରାୟ

ନୂଆଦିଲ୍ଲୀ, ୨୫/୬(ନ୍ୟୁ.ଏ): ଅଯୋଧ୍ୟା ରାମ ମନ୍ଦିର ପାଖି ହେଉଥିବା ବିବାଦ ସୃଷ୍ଟି କରିଥିବା ବେଳେ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ମୁଖ୍ୟ ଚମ୍ପତ ରାୟ ଏବଂ ସଦସ୍ୟ ଅନୀଲ ମିଶ୍ରା ଶୁକ୍ରବାର ନିଜ ପଦବୀରୁ ଇସ୍ତଫା ଦେଇଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ବିଶେଷ ଅନୁସନ୍ଧାନକାରୀ ଦଳର ପ୍ରାଥମିକ ତଦନ୍ତ ରିପୋର୍ଟ ଆସିବା ପରେ ସେମାନେ ଇସ୍ତଫା ଦେଇଛନ୍ତି । ଏଏଆଇଟିର ପ୍ରାଥମିକ ରିପୋର୍ଟରେ ଅଯୋଧ୍ୟା ରାମ ମନ୍ଦିରକୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଦିଆଯାଉଥିବା ଦାନର ପରିମାଳନା ଓ ତଦାରଖରେ ଗମ୍ଭୀର ତ୍ରୁଟି ଥିବା ଦର୍ଶାଯାଇଛି । ଏହି ମାମଲାରେ ସୁପାରିଶ କ୍ରମେ ପ୍ରଥମ ଏଫ୍‌ଆଇଆର ମଧ୍ୟ ରୁଜୁ ହୋଇସାରିଛି । ସେପ୍ଟେମ୍ବର ୨୦୨୫ ରେ ପୂର୍ବତନ ଟ୍ରଷ୍ଟି କାମେଶ୍ୱର ଚୌପାଲଙ୍କ ଦେହାନ୍ତ ପରେ ଟ୍ରଷ୍ଟରେ ଯୋଗ ଦେଇଥିବା ସଦସ୍ୟ କୃଷ୍ଣ ମୋହନଙ୍କ ଦ୍ୱାରା ଏହି ଅଭିଯୋଗ ଦାଖଲ କରାଯାଇଥିଲା । ଏଫ୍‌ଆଇଆର୍ ରୁଜୁ ହେବାର ମାତ୍ର କିଛି ସଂତାହ ମଧ୍ୟରେ ଉତ୍ତର ପ୍ରଦେଶ ପୁଲିସ ଗୁରୁବାର ଦିନ ଏହି ମାମଲାରେ ଆଠ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହି ୮ ଜଣଙ୍କ ମଧ୍ୟରେ ଏଫଆଇଆରରେ ଉଲ୍ଲେଖ ଥିଲା । ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଦିନାଶ ଶୁକ୍ଳ, ଅନୁଜଙ୍କ ମିଶ୍ର, ଲବକୁଶ ମିଶ୍ରା, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରମାଶଙ୍କର ମିଶ୍ରା, ସୁରାଶ ଶ୍ରୀବାସ୍ତବ ଏବଂ ରାମ ଶଙ୍କର ଯାଦବ ଓରଫ୍ ଟିନୁ ସାମିଲ ଅଛନ୍ତି । ରାମ ମନ୍ଦିରକୁ ଶ୍ରଦ୍ଧାଳୁମାନେ ଦେଇଥିବା ଦାନର ଅପବ୍ୟବହାର ଓ କରାଯାଉଥିବା ନେଇ ଅଭିଯୋଗ ଆସିବା ପରେ ଏହି ବିବାଦ ଆହୁରି ତୀବ୍ର ହୋଇଥିଲା । ସଂଗରେ ଉତ୍ତର ପ୍ରଦେଶ ସରକାର ଜୁନ୍ ୧୩ ରେ ମନ୍ଦିରର ଦାନ ସଂଗ୍ରହ, ସଂରକ୍ଷଣ ଏବଂ ଆକାଉଂଟିଂ (ହିସାବ କିତାବ)ରେ ହୋଇଥିବା ଅନିୟମିତତାର ତଦନ୍ତ ପାଇଁ ଏକ ତିନି ଜଣିଆ SIT ଗଠନ କରିଥିଲେ । ସୂତ୍ର ଅନୁଯାୟୀ, SIT ର ପ୍ରାଥମିକ ତଦନ୍ତରୁ ଏକାଧିକ ସ୍ତରରେ ପ୍ରକ୍ରିୟାଗତ ତ୍ରୁଟି ଚିହ୍ନଟ କରାଯାଇଛି । ତଦନ୍ତକାରୀ ଦଳ କର୍ମଚାରୀଙ୍କ ଯାଂଚରେ ତ୍ରୁଟି ଥିବା ଦର୍ଶାଇଛନ୍ତି । ସମ୍ବେଦନଶୀଳ ସ୍ଥାନକୁ ପ୍ରବେଶ ଓ ପ୍ରସ୍ତାବ କରୁଥିବା କର୍ମଚାରୀଙ୍କୁ ଯାଂଚରେ ଅବହେଳା କରାଯାଉଥିବା ଜଣା ଯାଇଛି ସେମାନେ ଉଲ୍ଲେଖ କରିଛନ୍ତି । ସେହିଭଳି ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ ଦୁର୍ବଳ ବୋଲି ସେମାନେ କହିଛନ୍ତି । ମନ୍ଦିର ପରିସରରୁ ଟ୍ରଷ୍ଟ କାର୍ଯ୍ୟାଳୟ ଓ ପରେ ବ୍ୟାଙ୍କ ଜମା ପର୍ଯ୍ୟନ୍ତ ଦାନ ସାମଗ୍ରୀ ସ୍ଥାନାନ୍ତର କରିବାରେ ଅନିୟମିତତା ହେଉଥିବା ଜାଣିବାକୁ ପାଇଛି ଏଏଆଇଟି ।

ଲୋକସଭାରେ ଏନ୍‌ଡିଏର ସଂଖ୍ୟା ୩୦୦ ପାର !

ନୂଆଦିଲ୍ଲୀ, ୨୫/୬(ନ୍ୟୁ.ଏ): ଲୋକସଭାରେ ଜାତୀୟ ଗଣତାନ୍ତ୍ରିକ ମୋର୍ଚ୍ଚ (ଏନ୍‌ଡିଏ)ର ସଦସ୍ୟ ସଂଖ୍ୟା ୩୦୦ ଅତିକ୍ରମ କରିବା ପରେ ବିରୋଧୀ ଲଣ୍ଡିମୋର୍ଚ୍ଚରେ ଚିନ୍ତା ବଢ଼ିଛି । ନିକଟରେ କିଛି ଲୋକସଭା ଆସନରେ ଉପନିର୍ବାଚନ ଓ କିଛି ଆଂଚଳିକ ଦଳ ଭାଜପାର ଦ୍ୱାରା ସାଂସଦମାନଙ୍କ ସ୍ଥିତିରେ ପରିବର୍ତ୍ତନ ଫଳରେ ଏନ୍‌ଡିଏର ସଂଖ୍ୟାଗତ ସ୍ଥିତି ଆହୁରି ମଜଭୁତ ହୋଇଛି । ଏହି ପରିସ୍ଥିତିରେ ବିରୋଧୀ ଶିବିର ନିଜର ଏକତା ଅକ୍ଷୁଣ୍ଣ ରଖିବାକୁ ଉଦ୍ୟମ ଜୋରଦାର କରିଛି । ବିଶେଷ କରି କଂଗ୍ରେସ ଅସବୁଷ୍ଟ ସହଯୋଗୀ ଦଳମାନଙ୍କ ସହ ଆଲୋଚନା ବଢ଼ାଇ ସେମାନଙ୍କୁ ମେଂଟରେ ରଖିବା ପାଇଁ ପ୍ରୟାସ ଆରମ୍ଭ କରିଛି । ରିପୋର୍ଟ ଅନୁସାରେ, ଇଣ୍ଡିମେଂଟର ସହଯୋଗୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କିଛି ପ୍ରସଙ୍ଗରେ ନିଜର ଅସନ୍ତୋଷ ପ୍ରକାଶ କରିଛି । ସଂସଦରେ ବିରୋଧୀ ଦଳମାନଙ୍କ ରଣନୀତି ଓ ସମନ୍ୱୟକୁ ନେଇ ଟିଏମ୍‌ସିର ଆପତ୍ତି ରହିଥିବା କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି କଂଗ୍ରେସର ବରିଷ୍ଠ ନେତାମାନେ ଟିଏମ୍‌ସି ନେତୃତ୍ୱ ସହ ଯୋଗାଯୋଗ ବଢ଼ାଇଛନ୍ତି । ବିରୋଧୀ ମେଂଟର ଏକତା ଅକ୍ଷୁଣ୍ଣ ରହିବା ଏବଂ ସଂସଦରେ ସରକାରଙ୍କ ବିରୋଧରେ ମିଳିତ ଭାବେ ସ୍ୱର ଉଠାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଅନ୍ୟପକ୍ଷରେ, ଏନ୍‌ଡିଏର ସଂଖ୍ୟା ୩୦୦ ପାର କରିବା ପରେ ସରକାରଙ୍କ ସଂଖ୍ୟାଗତ ସ୍ଥିତି ଆହୁରି ସୁଦୃଢ଼ ହୋଇଛି । ଯଦିଓ ସରକାର ପୂର୍ବରୁ ମଧ୍ୟ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ସହ କାର୍ଯ୍ୟ କରୁଥିଲା, ତଥାପି ବର୍ତମାନର ସଂଖ୍ୟା ବୃଦ୍ଧି ରାଜନୈତିକ ଦୃଷ୍ଟିରୁ ଏହାକୁ ଅଧିକ ଶକ୍ତିଶାଳୀ କରିଛି । ଏହା ସରକାରଙ୍କୁ ବିଭିନ୍ନ ବିଧେୟକ ପାରିତ କରିବା ଓ ସଂସଦୀୟ କାର୍ଯ୍ୟ ସୁଚାରୁ ଭାବେ ତାଲାଇବାରେ ସହାୟକ ହୋଇପାରେ । ଇଣ୍ଡିମେଂଟର ନେତାମାନଙ୍କ ମତରେ, କେବଳ ସଂଖ୍ୟାଗତ ଶକ୍ତି ନୁହେଁ, ବିରୋଧୀ ଦଳମାନଙ୍କ ମଧ୍ୟରେ ସମନ୍ୱୟ ଓ ଏକତା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ସହଯୋଗୀ ଦଳମାନଙ୍କ ମତାମତକୁ ଗୁରୁତ୍ୱ ଦେଇ ସେମାନଙ୍କ ସହ ନିୟମିତ ଆଲୋଚନା କରିବାକୁ କଂଗ୍ରେସ ଗୁରୁତ୍ୱ ଦେଉଛି ।

ଭେନେଜୁଏଲା ଭୂକମ୍ପ : ୬ଶହ ଟପିଲା ମୃତ୍ୟୁ ସଂଖ୍ୟା

କାରାକାସ୍: ଉତ୍ତର ଭେନେଜୁଏଲାରେ ଆସିଥିବା ପ୍ରଳୟଙ୍କରୀ ଯୁଗ୍ମ ଭୂକମ୍ପଜନିତ ବିପର୍ଯ୍ୟୟରେ ପ୍ରତି ଦିନକୁ ଦିନ ଆହୁରି ଭୟାନକ ହେବାରେ ଲାଗିଛି । ସର୍ବଶେଷ ସୂଚନା ଅନୁଯାୟୀ, ଏହି ପ୍ରକୃତିର ତାଣ୍ଡବରେ ମୃତ୍ୟୁସଂଖ୍ୟା ୬୦୦ ଅତିକ୍ରମ କରିଛି ଏବଂ ପ୍ରାୟ ୪,୦୦୦ ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଜୁନ୍ ୨୫ରେ ମାତ୍ର କିଛି ମିନିଟ୍ ବ୍ୟବଧାନରେ ଆସିଥିବା ଦୁଇଟି ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ଲକ୍ଷାଧିକ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି । ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା 'ଲା ଗୁଆଇରା' ରାଜ୍ୟରେ ଏକାଧିକ ଅଞ୍ଚଳିକା ଭୂସ୍ଖଳି ପଡ଼ିବା ସହ ଷାଣ୍ଢୁର୍ଣ୍ଣ ଆଂଚଳ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅନ୍ତର୍ଜାତୀୟ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ୍ ବର୍ତ୍ତମାନ ମୃତ୍ୟୁସଂଖ୍ୟାକୁ ନିଶ୍ଚିତ

କରିବା ସହ ଧ୍ୱଂସାବଶେଷ ତଳେ ଫସି ରହିଥିବା ଜୀବିତ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଯୁଦ୍ଧକାଳୀନ ଅପରେସନ୍ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । କେବଳ ଲା ଗୁଆଇରାରେ ଶତାଧିକ ବଡ଼ ବଡ଼ ଆବାସିକ ଓ ବାଣିଜ୍ୟିକ ଭୋଟା ମାଟିରେ ମିଶିଯାଇଛି । ହଜାର ହଜାର ବାସଗୃହ ଭୂସ୍ଖଳିରେ ପଡ଼ିଛି । ବାସିନ୍ଦାମାନେ ଖାଦ୍ୟ, ପାନୀୟ ଜଳ ଏବଂ ଜରୁରୀ ଚିକିତ୍ସା ସେବା ପାଇଁ ଦ୍ୟାକୁଳ ହୋଇଛନ୍ତି । ଏହି ମହାସଙ୍କଟ ସମୟରେ ଭେନେଜୁଏଲାକୁ ସାହାଯ୍ୟ କରିବା ପାଇଁ ଆନ୍ତର୍ଜାତୀୟ ସମ୍ପ୍ରଦାୟ ଆଗେଇ ଆସିଛନ୍ତି । ଆମେରିକା , ସ୍ପେନ୍, ମେକ୍ସିକୋ ଏବଂ ଜର୍ମାନୀ ଭଳି ପ୍ରମୁଖ ଦେଶଗୁଡ଼ିକର ବିଶେଷଜ୍ଞ ଦଳ ଏବଂ ଜରୁରୀ ମାନବୀୟ ସହାୟତା ସାମଗ୍ରୀ ସହ ଭେନେଜୁଏଲାରେ ପହଂଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ଜରୁରୀକାଳୀନ କର୍ମୀମାନେ ପ୍ରଭାବିତ ଅଂଚଳରେ ରିଜିଫ୍ ସାମଗ୍ରୀ ବଂଟନ କରୁଛନ୍ତି । ରାଜନୈତିକ ଓ ଆର୍ଥିକ ଅସ୍ଥିରତା ଦେଇ ଗତି କରୁଥିବା ଭେନେଜୁଏଲା ପାଇଁ ଏହି ବିପର୍ଯ୍ୟୟରୁ ପୁନର୍ନିର୍ମାଣ କରିବା ଏକ ବଡ଼ ଆହ୍ୱାନ ହେବ ଏବଂ ଏଥିପାଇଁ ବୈଶ୍ୱିକାଳୀନ ବୈଦେଶିକ ସହଯୋଗର ଆବଶ୍ୟକତା ରହିଛି ବୋଲି ସହାୟତା ସଂସ୍ଥାଗୁଡ଼ିକ ମତ ପ୍ରକାଶ କରିଛନ୍ତି ।

ଉପଗ୍ରହ ଚିତ୍ରରେ ସାମ୍ନାକୁ ଆସିଲା ମୌସୁମୀର ଦୁର୍ବଳ ସ୍ଥିତି

ନୂଆଦିଲ୍ଲୀ: ଦେଶର ଅନେକ ଅଂଚଳରେ ମୌସୁମୀ ବର୍ଷା ହଠାତ୍ ଦୁର୍ବଳ ହୋଇପଡ଼ିଛି । ଏହାର ପ୍ରଭାବ ଉପଗ୍ରହ ଚିତ୍ରରେ ମଧ୍ୟ ସ୍ପଷ୍ଟ ଭାବେ ଦେଖାଯାଇଛି । ସାଧାରଣତଃ ଜୁନ୍ ଶେଷ ସପ୍ତାହରେ ଭାରତର ବିସ୍ତୃତ ଅଂଚଳ ଉପରେ ଘନ ବର୍ଷା-ମେଘ (ବର୍ଷା ଉତ୍ପନ୍ନକାରୀ ମେଘ) ଦେଖିବାକୁ ମିଳେ । କିନ୍ତୁ ସଦ୍ୟ ପ୍ରକାଶିତ ଉପଗ୍ରହ ଚିତ୍ରରେ ଦେଶର ମଧ୍ୟ, ଉତ୍ତର ଓ ପୂର୍ବାଂଚଳର ବଡ଼ ଅଂଶରେ ବର୍ଷା-ମେଘର ପରିମାଣ ଅତ୍ୟନ୍ତାଳ୍ପିକ ଭାବେ କମ୍ ଥିବା ଦେଖାଯାଇଛି । ଏହା ଫଳରେ ଅନେକ ରାଜ୍ୟରେ ବର୍ଷାରେ ବିଳମ୍ବି ସୃଷ୍

ଶ୍ରମଜୀବୀ
ଆରମ୍ଭ
SEITHO ARAMBHA
ଶନିବାର, ୨୭ ଜୁନ୍, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ନିଆରା ଢଙ୍ଗରେ ବାସୁଦେବପୁରରେ କଳା ସଂସ୍କୃତି ମହାସଂଘର ପ୍ରଥମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଛି

ବାସୁଦେବପୁର, ୨୬/୦୬ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ନାଳମଣି ଗାଉନ ହଲ୍ ଠାରେ କଳା ସଂସ୍କୃତି ମହାସଂଘ ବାସୁଦେବପୁରର ପ୍ରଥମ ବାର୍ଷିକ ମହୋତ୍ସବର ପ୍ରଥମ ଅଧିବେଶନ ନିଆରା ଢଙ୍ଗରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଲୋକକଳା, ସଂସ୍କୃତିର ସୁରକ୍ଷା ଏବଂ କଳାକାରମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଛି । କଳା ସଂସ୍କୃତି ମହାସଂଘ ବାସୁଦେବପୁର ପକ୍ଷରୁ ଆୟୋଜିତ ଏହି ପ୍ରଥମ ବାର୍ଷିକ ମହୋତ୍ସବକୁ ବାସୁଦେବପୁର ବିଧାୟକ ଆଶୋକ କୁମାର ଦାସ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଲୋକକଳା ଗୁରୁ ତଥା ସଂଗୀତ ନାଟକ ଏକାଡେମୀ ସମ୍ମାନ ପ୍ରାପ୍ତ ସୁଧୀର ଚନ୍ଦ୍ର ମଲ୍ଲିକ ଯୋଗଦେଇ କଳା ଓ ସଂସ୍କୃତିର ମହତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ଦ୍ୱିତୀୟ ଅଧିବେଶନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ, ଜିଲ୍ଲାପାଳ ରାଉତରାୟ ଭଦ୍ରକ ଜିଲ୍ଲାପାଳ, ସମ୍ମାନିତ ଅତିଥି ପ୍ରିୟବ୍ରତ ଦାସ ବାସୁଦେବ ପୁର ତହସିଲଦାର,ଏହି ଅଧିବେଶନରେ କଳାକାରମାନଙ୍କ ସମସ୍ୟା, ଲୋକକଳାର ବିକାଶ ଏବଂ କଳାକାରଙ୍କୁ ଅଧିକ ସୁଯୋଗ ଯୋଗାଇବା ନେଇ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ କଳା ସଂସ୍କୃତି ମହାସଂଘ ବାସୁଦେବପୁରର ସମ୍ପାଦକ ମଦନ କୁମାର ପାଢ଼ୀ, ସଭାପତି ଶ୍ରୀଯୁକ୍ତ କଳୁଣାକର ମଲ୍ଲିକ, ଉପସଭାପତି ଶ୍ରୀଯୁକ୍ତ ଅଭୟ କୁମାର ସାମଲ ଅନେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ, ଆଇନଜୀବୀ ଓ ୨୬୦ ଜଣ କଳାକାର ଉପସ୍ଥିତ ଥିଲେ ବାସୁଦେବପୁରରେ ଆୟୋଜିତ ଏହି କଳା ସଂସ୍କୃତି ମହାସଂଘର ବାର୍ଷିକ ମହୋତ୍ସବ ଲୋକକଳାର ପ୍ରଚାର ଓ କଳାକାରଙ୍କ ମନୋବଳ ବୃଦ୍ଧିରେ ଏକ ନୂଆ ଦିଗ ଦେଖାଇଛି । ଏହି ଅବସରରେ ମଦନ କୁମାର ପାଢ଼ୀଙ୍କର ଉପନ୍ୟାସ, ଅସ୍ତ ଅନ୍ଧାର ପୁସ୍ତକ ଉନ୍ମୁକ୍ତ କରିଥିଲେ ମୁଖ୍ୟ ଅତିଥି ଦିଲ୍ଲୀପ ରାଉତରାୟ,ଏହି ଅବସରରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପରିଶେଷରେ କଳାକାରମାନଙ୍କୁ ମାନପତ୍ର ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧନା ସମ୍ବର୍ଦ୍ଧନା କରା ଯାଇଛି ।

ବାଣିଗୋଛା ଥାନାରେ ଯୋଗ ଦେଲେ ନୂତନ ଥାନା ଅଧିକାରୀ

ଦଶପଲ୍ଲା, ୨୬/୦୬ (ଆ.ପ୍ର) : ବାଣିଗୋଛା ଥାନା ଅଧିକାରୀ ଭାବେ ଶିବ ପ୍ରସାଦ ଉଦ୍ଦ ଶୁକ୍ରବାର ଦିନ ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ବାଣିଗୋଛା ଥାନା ଅଧିକାରୀ ରୂପେ କାର୍ଯ୍ୟ କରୁଥିବା ବିଶ୍ଳୀପ କୁମାର ଧଳଙ୍କୁ ପୁରୀ ଜିଲ୍ଲାକୁ ବଦଳି କରାଯାଇଛି । ତେବେ ଶ୍ରୀ ଉଦ୍ଦ ପୂର୍ବତନ ଜଟକରେ କାର୍ଯ୍ୟରତ ଥିବାର ସୂଚନା ମିଳିଛି । ବାଣିଗୋଛା ଅଂଚଳରେ ଆଇନ ଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ଦିଗରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହେଉଛି ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ନବରଙ୍ଗପୁର, ୨୬/୦୬ (ଆ.ପ୍ର) : ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ସରକାରୀ ନର୍ସିଂ କଲେଜ, ନବରଙ୍ଗପୁରର ଛାତ୍ରୀ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବି ମହିଳାମାନଙ୍କୁ ନେଇ "ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧତାଲାଣ ବିରୋଧୀ ଅନ୍ତର୍ଜାତୀୟ ଦିବସ" ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଦୌଗାଳର୍ଜ ସଂଗ୍ରାମ କେଶରୀ ମହାଶୟ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଲ ଅଭାମ୍ବା ଗୋଛାୟତ ଯୋଗଦେଇ ଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ ସେବନ ଠାରୁ କିପରି ଦୂରେଇ ରହିବେ ସେ ବିଷୟରେ ଆଲୋଚନା କରିଥିଲେ । ଅନ୍ୟାନ୍ୟ ଅତିଥି ରୂପେ ପ୍ରସନ୍ନ ପ୍ରସାଦ ପଟ୍ଟନାୟକ, ମୁଖ୍ୟ ଜଏଡ଼ିସିଏସ, ନବରଙ୍ଗପୁର, ମନୋରମା ମାଝୀ, ସାମାଜିକ କର୍ମୀ, ନବରଙ୍ଗପୁର, କିଶୋରୀ ପଟ୍ଟନାୟକ, ସହଯୋଗୀ ଓକିଲ, ନବରଙ୍ଗପୁର ଯୋଗ ଦେଇ ଏହି ଦିବସର ମହତ୍ୱ ଓ ବିଭିନ୍ନ ଆଇନ ବିଷୟରେ ଆଲୋଚନା କରିଥିଲେ ଓ ପରିଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସମ୍ବାଦା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ପରିଚାଳନା କରାଯାଇଥିଲା ।

ଚୌଦ୍ୱାର ଅବକାରୀ ଥାନା ପକ୍ଷରୁ ନିଶାମୁକ୍ତ ଦିବସ ପାଳିତ

ଟାଙ୍ଗୀ ଚୌଦ୍ୱାର, ୨୬/୦୬ (ଆ.ପ୍ର) : ବିଶ୍ୱ ନିଶାମୁକ୍ତି ଦିବସ ଅବସରରେ ଜଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାଇ ଜିଲ୍ଲାର ସମସ୍ତ ବ୍ଲକ, ତହସିଲ, କଲେଜ, ସ୍କୁଲ,ଗାଁ ଆଦି ଅଂଚଳରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ତଥା ବଧାନରେ ଚୌଦ୍ୱାର ଅବକାରି ଥାନା ତରଫରୁ ନିଶାମୁକ୍ତି ରଥ ଚୌଦ୍ୱାର ଓଡିଏମରୁ ବାହାରି ଗାଙ୍ଗୀ ବ୍ଲକ, ଜଗତପୁର, ମଙ୍ଗୁଳି, ଟାଙ୍ଗୀ, ଭଗତପୁର ଆଦି ଅଂଚଳରେ ପରିବର୍ତ୍ତନଳରି ଲୋକମାନଙ୍କୁ ସଚେତନ କରିବା ସହ ରାଜ୍ୟ ସରକାରଙ୍କର ନିଶାମୁକ୍ତ ଓଡିଶାର ଲକ୍ଷ୍ୟକୁ ଆଖିରେ ରଖି ଏହିଭଳି କାର୍ଯ୍ୟକ୍ରମ କରାଯାଇଛି, ଏହି ରାଲିରେ ଅବକାରି ଥାନାର ଅଫିସର ଓ ଷ୍ଟାଫ୍ ମାନେ ସାମିଲ ହୋଇଥିଲେ ।

ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ବ୍ଲକ ସ୍ତରୀୟ ପ୍ରଥମ ବୈଠକ ଅନୁଷ୍ଠିତ

ଟିକାବାଲି, ୨୬/୦୬ (ଆ.ପ୍ର) : ଟିକାବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଟିକାବାଲି ବ୍ଲକର ସମସ୍ତ ପ୍ରାଥମିକ, ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ବ୍ଲକ ସ୍ତରୀୟ ପ୍ରଥମ ବୈଠକ ଅନୁଷ୍ଠିତ ଓ ଏହି ବୈଠକରେ ବିଭୁ ବିନୋଦ ସାର ବହୁତ ସୁନ୍ଦର ଭାବେ ଶିକ୍ଷା ଉପରେ ଆଲୋଚନା କରିଥିଲେ ଓ ବିଦ୍ୟାଳୟରେ ଶିକ୍ଷକଙ୍କ ସମୟାନୁବର୍ତ୍ତିତା, ଅଭିନ୍ନ ଶିକ୍ଷାଦାନ ପ୍ରଣାଳୀ, ଶିକ୍ଷାର୍ଥୀଙ୍କୁ ବୃଦ୍ଧି ସେହିଁ ପ୍ରକାରର ଶିକ୍ଷାଦାନ ପ୍ରଦାନ କରିବା, ବିଦ୍ୟାଳୟ ପରିବେଶ ସ୍ୱଚ୍ଛତା ଉଚ୍ଚାବା, ଅଗିରାବାଳକଙ୍କ ସହ ଆଲୋଚନା, ସଂଚପତ୍ରୀ ଲେଖନ ପ୍ଲାନ ମାଧ୍ୟମରେ ଶିକ୍ଷାଦାନ, ସୁଲର ଓ ଆକର୍ଷଣୀୟ ଶୈକ୍ଷିକ ଉପକରଣର ବ୍ୟବହାର, ପ୍ରତ୍ୟେକ ଦିନ କିଛି ସଂସ୍କୃତ ଶ୍ଳୋକର ଉଚ୍ଚାରଣ ଏହିପରି ଅନେକ ବିଷୟରେ ଆଲୋଚନା କରାଯାଇଅଛି ଓ ଏଥିସହ ପିଲାଙ୍କ ଯୁନିଫର୍ମ, ମଧ୍ୟାହ୍ନ ଭୋଜନ, ୟୁ ଡାଇସ ପୁସ ଓ ଦଶମ ପରୀକ୍ଷାରେ ପିଲାଙ୍କ ସଫଳତା ପାଇଁ ପ୍ରଚେଷ୍ଟା ବିଷୟରେ ବହୁତ ସୁନ୍ଦର ଭାବେ ଅଭିଭାଷଣ ଦେଇଥିଲେ ଓ ଏଥାସହ ଉଚ୍ଚାସ୍ତର ପାଠକ୍ରମରେ ପଞ୍ଜିକରଣ, ବିଦ୍ୟାଳୟ ସମ୍ପର୍କିତ ସମସ୍ତ ବିଷୟ ବସ୍ତୁ ଉପରେ ଆଲୋଚନା କରାଇଥିଲେ ଓ ଏହି ବୈଠକରେ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ /ଶିକ୍ଷୟିତ୍ରୀ ଓ ସିଆରସିସି ଯୋଗଦେଇଥିଲେ ।

ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ବିଦସ ପାଳିତ

ଅନୁଗୋଳ, ୨୬/୦୬ (ଆ.ପ୍ର) : ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ଅବକାରୀ ବିଭାଗ ଏବଂ ସ୍ଥାନୀୟ ସାମାଜିକ ସଂଗଠନ 'ସ୍ପନ୍ଦନ'ର ମିଳିତ ଆନୁକୂଲ୍ୟରେ ଆଜି ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଏବଂ ଚୋରା ଚାଲାଣ ବିରୋଧୀ ଦିବସ ଉପଲକ୍ଷେ ଏକ ବିଶାଳ ସଚେତନତା ପଦଯାତ୍ରା ଓ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଅବକାରୀ ବିଭାଗର ଅଧ୍ୟକ୍ଷା ମଧୁସ୍ମିତା ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ ଯେ, ବର୍ତ୍ତମାନ ଯୁବଗୋଷ୍ଠୀଙ୍କ ମଧ୍ୟରେ ନିଶା ସେବନ ଓ ଏହାର ଚୋରା ଚାଲାଣ ବଢ଼ିବାରେ ଲାଗିଛି । ଯଦି ସମାଜରୁ ନିଶା ବ୍ୟବହାର ବନ୍ଦ ହୋଇଯାଏ, ତେବେ ଚୋରା ଚାଲାଣ ଆପେ ଆପେ ରୋକିଯିବ । ଏଥିପାଇଁ ପ୍ରତ୍ୟେକ ନାଗରିକଙ୍କ ସଚେତନତା ସହ କଡ଼ା ଆଇନ ଓ କଠୋର ଦଣ୍ଡବିଧି ନିୟାଜି କରୁଛା ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଏବଂ ଖିନୁଷମ ସଶକ୍ତିକରଣ ବିଭାଗର ଜିଲ୍ଲା ଅଧିକାରୀ ଶ୍ରୀ ମନିଷ ଏକ୍ସା ଯୋଗ ଦେଇ ଚଳିତ ବର୍ଷର ଆଭିମୁଖ୍ୟ 'ବିଶ୍ୱ ଡ୍ରଗ୍ ସମସ୍ୟା: ନିଶ୍ଚନ ଜଟିଳତା, ନୂଆ ଆହ୍ୱାନ, ଅଭିନବ ପ୍ରତିକାର' ଉପରେ ଆଲୋକପାତ କରିଥିଲେ । ସେ ନିଶା ମୁକ୍ତ ହେବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ ଜିଲ୍ଲାରେ ଥିବା ନିଶା ନିବାରଣ କେନ୍ଦ୍ରର ସହାୟତା ନେବାକୁ ପରାମର୍ଶ ଦେଇଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ, ଯୋଗ, ପ୍ରାଣାୟାମ କରିବା ସହିତ ନିଶାଗ୍ରସ୍ତ ସାଙ୍ଗସାଥୀଙ୍କ ଠାରୁ ଦୂରେଇ ରହିବେ ନିଶ୍ଚିତ ଭାବେ ନିଶା ମୁକ୍ତ ହୋଇପାରିବେ ବୋଲି ସେ ଆହ୍ୱାନ ଦେଇଥିଲେ । ଅବକାରୀ ବିଭାଗର ଉପ-ଅଧିକ୍ଷକ ଧିରେନ କୁମାର ଦେହେରା ପରାମର୍ଶ ଦେଇ ଜିଲ୍ଲା ଅବକାରୀ ବିଭାଗର ବିଗତ ଦିନର ସଫଳତା ଓ ପରବେଶ ବିଷୟରେ ଅବଗତ କରାଇଥିଲେ । ସାମାଜିକ ସଂଗଠନ 'ସ୍ପନ୍ଦନ'ର ଅମୟ ମଲ୍ଲିକ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ 'ନିଶା ମୁକ୍ତ ଭାରତ' ଗଠନରେ ସହଯୋଗ କରିବା ପାଇଁ ଶପଥ ପାଠ କରାଇଥିଲେ । ଏହି ଜନସଚେତନତା ପଦଯାତ୍ରାରେ ଟାଲେଣ୍ଟୋ ଆସୋସିଏସନର ସଂଗଠକ ଦୁଷ୍ମନ୍ତ ନାଥ, ଡଂ ବିଦ୍ୟା ଭାରତୀ ସମୂହ ଆବାସିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରକାପିତା ଚନ୍ଦ୍ରକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ଅନ୍ୱେଷୀଗଣ, ଜିଲ୍ଲା ଅବକାରୀ ବିଭାଗ ଓ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀବୃନ୍ଦ ଏବଂ ସାମାଜିକ ଅନୁଷ୍ଠାନ 'ଐଶ୍ୱା'ର ସଦସ୍ୟମାନେ ସାମିଲ ହୋଇ ସାଧାରଣ ଜନତାଙ୍କୁ ନିଶା ମୁକ୍ତ ଭାରତ ଅଭିଯାନ ସମ୍ପର୍କରେ ସଚେତନ କରିଥିଲେ ।

ପ୍ରକଳ୍ପ ଅଧିକାର ଦ୍ୱାରା - ବିଶ୍ୱ ମାଦକ ଦ୍ରବ୍ୟ ବିରୋଧୀ ଦିବସ ପାଳିତ

ଦଶପଲ୍ଲା,୨୬/୦୬ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାଲ ସାହି ଗ୍ରାମ ପଂଚାୟତ ଅଧୀନ ପୁଲୁଣା ଦଶପଲ୍ଲା ଠାରେ ନିଶା ମୁକ୍ତ ସମାଜ ପ୍ରତିଷ୍ଠା କରିବା ଆଭିମୁଖ୍ୟ ନେଇ ପ୍ରକଳ୍ପ ଅଧିକାର ପକ୍ଷରୁ ଅଧିକାର ମିତ୍ର ପ୍ରତିମା ପ୍ରଧାନଙ୍କ ଆୟୋଜନ କ୍ରମେ ଗୋଷ୍ଠୀ ଭିତିକ ସ୍ୱାସ୍ଥ୍ୟ ସୁରକ୍ଷା ଓ ନିଶା ମୁକ୍ତ ଗ୍ରାମ ଗଠନ ଉଦେଶ୍ୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ନିଶା ମୁକ୍ତ ଓ ସୁସ୍ଥ ଗ୍ରାମ ଗଠନ କରିବା ପାଇଁ ଅଧିକାର ମିତ୍ର ସଚୋଳିନୀ ମଳିକ ଉପସ୍ଥିତ ମହିଳାମାନଙ୍କୁ କୁହାଯାଇବା ସହିତ କୁନ୍ ୨୬ ତାରିଖ ଦିନଟିକୁ ବିଶ୍ୱ ମାଦକ ଦ୍ରବ୍ୟ ବିରୋଧୀ ଦିବସ ଭାବେ ପାଳନ କରିବାର ଆଭିମୁଖ୍ୟ ବିଷୟରେ କହିଥିଲେ । ମାଦକ ଦ୍ରବ୍ୟର ଅବୈଧ ବ୍ୟବସାୟ, ଏହାର କୁପ୍ରଭାବ ସମ୍ପର୍କରେ ଅଧିକାର ମିତ୍ର ମାମିନୀ ନାୟକ ନିଜ ବକ୍ତବ୍ୟରେ କହିବା ସହିତ ପଥ ଭ୍ରଷ୍ଟ ଯୁବପିଢ଼ି ନିଶା କବଳରୁ ମୁକ୍ତ ହେବା ସହିତ ସେମାନଙ୍କୁ ଉଚିତ ପରାମର୍ଶ ଦେବା ଓ ଗାଁ ଗଡିବା କ୍ଷେତ୍ରରେ ସେମାନଙ୍କୁ ପ୍ରଣାଳିତ କରିବା, ମହିଳାମାନଙ୍କୁ ସଚେତନ କରିବା ଅତ୍ୟନ୍ତ ଜରୁରୀ ବୋଲି ଅଧିକାର ମିତ୍ର ଚରିତା ନାୟକ ବୁଝାଇଥିଲେ ।

ବିସ୍ଥାପିତଙ୍କୁ ମିଳୁନି ନ୍ୟାୟ, ପ୍ରତିଶ୍ରୁତି ପାଣିରଗାର

ଦଶପଲ୍ଲା, ୨୬/୦୬ (ଆ.ପ୍ର) : କୁଆଁରିଆ ଜଳଭଣ୍ଡାର ବିସ୍ଥାପିତଙ୍କ ଆନ୍ଦୋଳନ ଦିନକୁ ଦିନ ଉଗ୍ର ରୂପ ଧାରଣ କରିବାରେ ଲାଗିଛି । 'ଆର ପ୍ରତିଶ୍ରୁତି ନୁହେଁ, ଏଥର ନ୍ୟାୟ ମିଳୁ' ଜିଲ୍‌ରେ ଅଟକ ରହି ବିସ୍ଥାପିତମାନେ ନିଜ ହାତରେ ପେଟ୍ରୋଲ ବୋତଲ ଧରି ଆନ୍ଦୋଳନକୁ ଆହୁରି ଜୋରଦାର କରିଛନ୍ତି । ଶୁକ୍ରବାର ଦିନ ଆନ୍ଦୋଳନ ସ୍ତରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆନ୍ଦୋଳନକାରୀ ମାନେ କହିଛନ୍ତି ଯେ, ୧୯୮୦ ମସିହାରେ କୁଆଁରିଆ ଜଳଭଣ୍ଡାର ନିର୍ମାଣ ସମୟରେ ୫୧ଟି ପରିବାର ନିଜର ଜିଟାମାଟି ହରାଇ ବିସ୍ଥାପିତ ହୋଇଥିଲେ । ସେତେବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝୁଡ଼ା ଠାରେ ଅସ୍ଥାୟୀ ପଟ୍ଟା ସହ ଥରଥାନ କରାଯାଇଥିଲା । ଜଳଶୁଦ୍ଧ, ପାନୀୟ ଜଳ, ଆଲୋକ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମିଳିଥିଲା । ହେଲେ ହେଁ, ମୌଳିକ ସୁବିଧା ନମିଳିବାରୁ ଅନେକ ବିସ୍ଥାପିତ ପରିବାର ବାଧ୍ୟ ହୋଇ ରାୟଡି ଓଡ଼ିଶାରେ ବସବାସ କଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୧୮ଟି ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇ ନାହିଁ । ଜମୁମାଟି ହରାଇବାର ଦୁଃଖ ସାଙ୍ଗକୁ ନିଜର ସ୍ଥାୟୀ ପରିଚୟ ନପାଇବା ଫଳରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ତାରୟାର ଆଲୋଚନା ଓ ପ୍ରତିଶ୍ରୁତି ମିଳିଥିଲା । ହେଲେ ହେଁ, ମୌଳିକ ସୁବିଧା ନମିଳିବାରୁ ଅନେକ ବିସ୍ଥାପିତ ପରିବାର ବାଧ୍ୟ ହୋଇ ରାୟଡି ଓଡ଼ିଶାରେ ବସବାସ କଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୧୮ଟି ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇ ନାହିଁ । ଜମୁମାଟି ହରାଇବାର ଦୁଃଖ ସାଙ୍ଗକୁ ନିଜର ସ୍ଥାୟୀ ପରିଚୟ ନପାଇବା ଫଳରେ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ତାରୟାର ଆଲୋଚନା ଓ ପ୍ରତିଶ୍ରୁତି ମିଳିଥିଲା । ହେଲେ ହେଁ, ମୌଳିକ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମିଳିଥିଲା । ହେଲେ ହେଁ, ମୌଳିକ ସୁବିଧା ନମିଳିବାରୁ ଅନେକ ବିସ୍ଥାପିତ ପରିବାର ବାଧ୍ୟ ହୋଇ ରାୟଡି ଓଡ଼ିଶାରେ ବସବାସ କଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୧୮ଟି ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇ ନାହିଁ । ଜମୁମାଟି ପାଇବା ପାଇଁ ପ୍ରଚେଷ୍ଟା ଚାଲିଛି । ଶୁକ୍ରବାର ଦିନ ଆନ୍ଦୋଳନ ସ୍ତରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆନ୍ଦୋଳନ କାରୀ ରୋଲ୍ ଠୋଲ୍ ଜଣାଇଛନ୍ତି ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧ ଦିବସ ପାଳିତ : ସ୍ମୃତି ଚାରଣ ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ନୟାଗଡ଼, ୨୬/୦୬ (ଆ.ପ୍ର) : ଓଡ଼ିଆ ନାଟ୍ୟଜଗତର ପ୍ରଖ୍ୟାତ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧ ଦିବସ ସ୍ଥାନୀୟ ଫାଗଡି ସାମନ୍ତ ସଂସ୍କୃତି ଭବନ ପରିସରରେ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି । ଏହି ଅବସରରେ ସଂସ୍କୃତି ଭବନ ପ୍ରାଙ୍ଗଣରେ ଥିବା ସ୍ମର୍ତ୍ତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା ଆଦାବାଦ ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତାମାନେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଥିବା ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଅଂଚଳରେ ଜନ୍ମଗ୍ରହଣ କରିଥିବା ଏହି ମହାନ ଶିଳ୍ପୀ ନିଜ ଲେଖନୀ ମାଧ୍ୟମରେ ସ୍ଥାମୀଣ ଜୀବନର ସରଳତା, ପାରିବାରିକ ମୂଲ୍ୟବୋଧ, ସାମାଜିକ ସମସ୍ୟା ଓ ବିବିଧ୍ ମାନବୀୟ ସମ୍ପର୍କକୁ ମଂଚରେ ଜୀବନ୍ତ ରୂପ ଦେଇଥିଲେ । ତାଙ୍କ ନାଟକଗୁଡ଼ିକର ସରଳ ଭାଷା, ସଶକ୍ତ ସଂଳାପ ଓ ମଂଚୋପଯୋଗୀ ଶୈଳୀ ଆଜି ବି ବର୍ତ୍ତମାନ ମଂଚରେ ସ୍ମରଣୀୟ ହୋଇ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ସ୍ମୃତି ସଭାରେ ସ୍ମର୍ତ୍ତ ମିଶ୍ରଙ୍କ ପୁତ୍ରରୁ ତଥା ଅବସରପ୍ରାପ୍ତ ପ୍ରଫେସର ଶରତ ଚନ୍ଦ୍ର ମିଶ୍ର, ପୌରପରିଷଦ ଉପାଧ୍ୟକ୍ଷ ଗୁରୁ

ଶ୍ରୀମନ୍ଦିର
ଆରମ୍ଭ
SEITHO ARAMBHA
ଶନିବାର, ୨୭ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜଳତଳ ପ୍ରତ୍ନତତ୍ତ୍ୱ ଓ ସ୍କୁବା ଡାଇଭିଂ ଉପରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ

ନୀଳଗିରି, ୨୫/୦୬ (ଆ.ପ୍ର) : ଜଳତଳ ପ୍ରତ୍ନତତ୍ତ୍ୱ ଏବଂ ସ୍ୱୟଂଚାଳିତ ଶ୍ୱାସଯନ୍ତ୍ର ସହାୟତାରେ ସ୍କୁବା ଡାଇଭିଂ ପ୍ରଣାଳୀ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ମୌଳିକ ଜ୍ଞାନ ପ୍ରଦାନ କରିବା ସହିତ ଜଳତଳ ପ୍ରତ୍ନତତ୍ତ୍ୱ ଗବେଷଣାରେ ଏହାର ପ୍ରୟୋଗ ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ ଦିନିଆ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କର୍ମଶାଳାରେ ଶ୍ରୀଲଙ୍କାର ପ୍ରଶିକ୍ଷକ କରିଲା ମୁଥୁକୁମାରନ ଏବଂ କଳିଙ୍গ ଡାଇଭର୍ସ ଫାଉଣ୍ଡେସନର ସଦିର ବଦ୍ଧ ଜଳକ୍ରୀଡ଼ା ନିମଜ୍ଜନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେହିପରି ଶ୍ରୀଲଙ୍କାର ଅମ୍ବଲାଣ୍ଡା ଡ୍ରିନେସୁରିୟା ସ୍ଥଳଭାଗ ଓ ଜଳତଳ ପ୍ରତ୍ନତତ୍ତ୍ୱ ନଥିକରଣ ସମ୍ପର୍କରେ ବ୍ୟାଖ୍ୟାନ ଓ ପ୍ରଶିକ୍ଷଣ ଦେଇଥିଲେ । ଜଳତଳ ସାଂସ୍କୃତିକ ଐତିହ୍ୟର ବୈଜ୍ଞାନିକ ନଥିକରଣ ଓ ସଂରକ୍ଷଣର ଗୁରୁତ୍ୱ ସହ ବ୍ୟବହାରିକ ପ୍ରଶିକ୍ଷଣ ଉପରେ ବିଶେଷ ଆଲୋଚନାପାତ କରାଯାଇଥିଲା । କର୍ମଶାଳାର ପ୍ରାରମ୍ଭିକ ଅଧିବେଶନରେ ପ୍ରଶିକ୍ଷଣର ଉଦ୍ଦେଶ୍ୟ, ପରିସର ଓ ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆୟୋଜକମାନେ ନଦୀ, ସମୁଦ୍ର, ପ୍ରାଗଣ୍ଡ ଉଦଉ ଏବଂ ଜଳମଗ୍ନ ସାଂସ୍କୃତିକ ପରିବେଶ ମାଧ୍ୟମରେ ମାନବ ସଭ୍ୟତାର ଅତୀତକୁ ବୁଝିବାରେ ସାମୁଦ୍ରିକ ପ୍ରତ୍ନତତ୍ତ୍ୱର ବର୍ତ୍ତିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କର୍ମଶାଳାରେ ଜଳତଳ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ବିଭିନ୍ନ ପଦ୍ଧତି ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ପରିଚିତ କରାଯାଇଥିଲା । ବିଶେଷଜ୍ଞମାନେ ମୁକ୍ତ ରେଖା ଅନୁସନ୍ଧାନ ପଦ୍ଧତି, ବୃତାକାର ଅନୁସନ୍ଧାନ ପଦ୍ଧତି ଏବଂ ନୌକା ଟଣା ସର୍ବେକ୍ଷଣ ପଦ୍ଧତି ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ଜଳମଗ୍ନ ପ୍ରତ୍ନତତ୍ତ୍ୱ ସ୍ଥାନର ବୈଜ୍ଞାନିକ ଅନୁସନ୍ଧାନ, ସାଂସ୍କୃତିକ ଅବଶେଷ ଚିହ୍ନିବା ଏବଂ ସେଗୁଡ଼ିକର ଅକ୍ଷୁଣ୍ଣତା ବଜାୟ ରଖି ଗବେଷଣା କରିବାର ବିଭିନ୍ନ ପ୍ରକ୍ରିୟା ବିଷୟରେ ସେମାନେ ଅବଗତ କରାଇଥିଲେ । ଏଥିସହ ଅଂଶଗ୍ରହଣକାରୀମାନଙ୍କୁ ଅତ୍ୟାଧୁନିକ ନିର୍ଦ୍ଦିଷ୍ଟ ପ୍ରଣାଳୀର ବ୍ୟବହାର, ଜଳତଳ ଆଲୋକଚିତ୍ର ଗ୍ରହଣ, ପରିମାପଭିତ୍ତିକ ଚିତ୍ରାଙ୍କନ, ଗେଖୋଚିତ୍ର ପ୍ରସ୍ତୁତି ଏବଂ ସୁରକ୍ଷାପ୍ରଦତ୍ତ ନଥିକରଣ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । କର୍ମଶାଳାରେ ଅଂଶଗ୍ରହଣକାରୀମାନେ ଜଳତଳ ପ୍ରତ୍ନତତ୍ତ୍ୱର ବୈଜ୍ଞାନିକ ପ୍ରକ୍ରିୟା, ସ୍କୁବା ଡାଇଭିଂ ପ୍ରଶିକ୍ଷଣର ମୌଳିକ କୌଶଳ ଏବଂ ଜଳମଗ୍ନ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ସମ୍ପର୍କରେ ଜ୍ଞାନ ଲାଭ କରିଥିଲେ । ଏହି କର୍ମଶାଳା ସାମୁଦ୍ରିକ ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ଗବେଷଣା, ଦକ୍ଷତା ବିକାଶ ଓ ଜଳତଳ ଐତିହ୍ୟ ସଂରକ୍ଷଣ ପ୍ରତି ସଚେତନତା ବୃଦ୍ଧିରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଆୟୋଜକ, ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମତ ପ୍ରକାଶ ପାଇଥିଲା ।

ଓଡ଼ିଶାରେ ପ୍ରଥମ ଥର ଆୟୋଜିତ ହେଉଛି 'ରାଇଟର୍ ଇନ୍ ରେସିଡେନ୍ସ' କାର୍ଯ୍ୟକ୍ରମ: 'ବସାରେ ଲେଖକ-୨୦୨୬' ପାଇଁ ମନୋନୀତ ହେଲେ ୧୦ ତରୁଣ ଲେଖକ

ବାଲେଶ୍ୱର, ୨୫/୦୬ (ଆ.ପ୍ର) : ଓଡ଼ିଶାରେ ପ୍ରଥମ ଥର ପାଇଁ 'ରାଇଟର୍ସ ଇନ୍ ରେସିଡେନ୍ସ' ବା 'ବସାରେ ଲେଖକ-୨୦୨୬' କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଯାଉଛି ରାଜ୍ୟର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ । ସବୁବେଳେ କିଛି ନା କିଛିନବ କାର୍ଯ୍ୟକ୍ରମ କରୁଥିବା ଏହି ସଂସ୍ଥାର ୨୧ତମ ବର୍ଷ ପୂର୍ତ୍ତି ଅବସରରେ ଜୁଲାଇ ମାସରେ ବିଲିକା ହ୍ରଦ କୂଳରେ ଆୟୋଜିତ ହେବାକୁ ଥିବା ଏହି ଶସ୍ତାଦବ୍ୟାପୀ ଆବାସିକ କର୍ମଶାଳାରେ ୨୫ ବର୍ଷରୁ କମ୍ ବୟସର ୧୦ ଜଣ ତରୁଣ ଲେଖକ ଭାଗ ନେବାକୁ ମନୋନୀତ ହୋଇଛନ୍ତି । 'ପେନ୍ ଇନ୍ ବୁକ୍' ପକ୍ଷରୁ ପ୍ରକାଶିତ ଏକ ବିବୃତି ଅନୁଯାୟୀ, କାର୍ଯ୍ୟକ୍ରମ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମୋଟ ୧୪୩ଟି ଆବେଦନ ଆସିଥିଲା । ପ୍ରଥମ ପର୍ଯ୍ୟାୟରେ ୩୦ ଜଣଙ୍କୁ ଚୟନ କରାଯାଇ ସେମାନଙ୍କୁ ଉପନ୍ୟାସର ଗୋଟିଏ ଲେଖାଏଁ ଅଧ୍ୟାୟ ଲେଖିବାକୁ କୁହାଯାଇଥିଲା । ସେଥିରୁ ବୃତ୍ତାନ୍ତ ପର୍ଯ୍ୟାୟରେ ୧୦ ଜଣ ତରୁଣ ଲେଖକ ମନୋନୀତ ହୋଇଛନ୍ତି । ମନୋନୀତ ଲେଖକମାନେ ହେଲେ ବରଗଡ଼ର ଧର୍ମରାଜ ମହାମଲ୍ଲିକ, ଢେଙ୍କାନାଳର ବିଶ୍ୱଜିତ ସାହୁ, କଟକର ପ୍ରାତିନିଧିତା ସାହୁ ଓ ଶୁଭଶ୍ରୀ ଦାସ, ଜଗତସିଂହପୁରର ସୁରଜିତ ପ୍ରଧାନ, ଯାଜପୁରର ସଞ୍ଜୟ ରାଉତ, ଗଞ୍ଜାମର ବାବଲ ପରେଲ, ଅନୁଗୋଳର ବୃପ୍ତିମୟୀ ରାଉତ, ଉତ୍କଳର ସମ୍ବିତା ଦେହେରା ଏବଂ କେନ୍ଦ୍ରାପଡ଼ାର ଜ୍ୟୋତିରଞ୍ଜନ ଦାସ । ବିଶିଷ୍ଟ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ଓ ମିୟୋର ରଞ୍ଜନ ପାତ୍ର ଏହି କାର୍ଯ୍ୟକ୍ରମର ପରାମର୍ଶଦାତା (ମେଂଟର) ଭାବେ ବାଛିବା ବୁଲାଇବେ ବୋଲି ବିବୃତିରେ କୁହାଯାଇଛି । ଚଳିତ ବର୍ଷର ବିଷୟ 'କଳାତ୍ମକ ଉପନ୍ୟାସ' ଗଣାଯାଇଛି । ଗତ ତିନି ମାସ ଧରି ମେଂଟରମାନଙ୍କ ତତ୍ତ୍ୱାବଧାନରେ ମନୋନୀତ ଲେଖକମାନେ ଗୋଟିଏ ଲେଖାଏଁ ଉପନ୍ୟାସ ରଚନା କରିଛନ୍ତି । ସାତ ଦିନିଆ ଏହି ଆବାସିକ କର୍ମଶାଳାରେ ସେହି ଉପନ୍ୟାସଗୁଡ଼ିକର ମୂଲ୍ୟାଙ୍କନ କରାଯିବା ସହ ସଂଶୋଧନ, ସମ୍ପାଦନ, ପୁନର୍ଲିଖନ ଓ ପରିମାର୍ଜନ ସମ୍ପର୍କରେ ପରାମର୍ଶ ଦିଆଯିବ । ଏହା ସହିତ ରାଜ୍ୟର ବହୁ ବରିଷ୍ଠ କଥାକାର ଏଥିରେ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଉପନ୍ୟାସ ରଚନାର ବିଭିନ୍ନ କୌଶଳ ଓ ଦିଗ ଉପରେ ଆଲୋଚନା କରିବେ ବୋଲି ସୂଚନା ଦିଆଯାଇଛି । କର୍ମଶାଳା ପରେ ମନୋନୀତ ୧୦ ଜଣ ଲେଖକଙ୍କ ଉପନ୍ୟାସ ପୁସ୍ତକ ଆକାରରେ ପ୍ରକାଶ ପାଇବା ସହିତ ଆସନ୍ତା ସେପ୍ଟେମ୍ବର ମାସରେ ଭୁବନେଶ୍ୱରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତଗୁଡ଼ିକ ଉତ୍ସୋଟିତ ହେବା ସହ ସମସ୍ତ ତରୁଣ ଲେଖକଙ୍କୁ ସମ୍ମାନିତ କରାଯିବ । ସମ୍ପୂର୍ଣ୍ଣ ନିଃଶୁଳ୍କ ଏହି କାର୍ଯ୍ୟକ୍ରମରେ ଭାଗ ନେଉଥିବା ଲେଖକମାନଙ୍କର ଯାତାୟାତ, ରହଣି ଏବଂ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ଓଡ଼ିଶା ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ବହନ କରିବ ବୋଲି ପେନ୍ ଇନ୍ ବୁକ୍ ପକ୍ଷରୁ ସୂଚନା ଦିଆଯାଇଛି ।

କଂଗ୍ରେସ ଲିଗାଲ ସେଲ ଅଧ୍ୟକ୍ଷଙ୍କ ଇସ୍ତଫା

ଭୁବନେଶ୍ୱର, ୨୫/୦୬ (ଆ.ପ୍ର) : କଂଗ୍ରେସର ରାଜ୍ୟ ଲିଗାଲ ସେଲ ଅଧ୍ୟକ୍ଷ ପଦରୁ ଆଇନଜୀବୀ ତଥା ପୂର୍ବତନ ବିଧାୟକ ଉଦିତାନ୍ତ ମହାପାତ୍ର ଆଜି ପୂର୍ବାହ୍ନରେ ଇସ୍ତଫା ପ୍ରଦାନ କରିଛନ୍ତି । ନିଜ ପେଶାଗତ କାର୍ଯ୍ୟର ବ୍ୟସ୍ତତା ଯୋଗୁ ସେ ଲିଗାଲ ସେଲ କାର୍ଯ୍ୟରେ ସମୟ ଦେବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ ଦର୍ଶାଇ ସେ ଏହି ପଦରୁ ଇସ୍ତଫା ଦେଇଛନ୍ତି । ବୋଲି ଶ୍ରୀ ମହାପାତ୍ର ତାଙ୍କ ପତ୍ରରେ ଦର୍ଶାଇଛନ୍ତି । ଆଜି ଶ୍ରୀ ମହାପାତ୍ର ଭୁବନେଶ୍ୱର ଠାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଯାଇ ଅନୁଷ୍ଠାନିକ ଭାବେ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରି ଥିଲେ ।

ଆନ୍ତର୍ଜାତିକ ନିଶା ନିରୋଧ ଦିବସରେ 'ମନା' ପକ୍ଷରୁ ସଚେତନତା ସଭା

ବାଲେଶ୍ୱର, ୨୫/୦୬ (ଆ.ପ୍ର) : ଆନ୍ତର୍ଜାତିକ ନିଶା ନିରୋଧ ଦିବସ ଅବସରରେ ମିଳିତ ନିଶା ନିବାରଣ ଅଭିଯାନ 'ମନା' ପକ୍ଷରୁ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥିଭାବେ 'ସମାଦ'ର ଉତ୍କଳ ଓଡ଼ିଶା ସଂଚାରଣର ମୁଖ୍ୟ ତଥା ବିଶିଷ୍ଟ ଖଗୋଳବିତ୍ତ ଡି ରଞ୍ଜନ ବିରଞ୍ଜିନ୍ ଯୋଗଦେଇ କହିଥିଲେ ଯେ, ନିଶା ନିରୋଧ ପାଇଁ ଏକ ସଂକଳ୍ପ ୧୯୮୭ ମସିହାରେ ଜାତିସଂଘ ଦ୍ୱାରା ବୃତ୍ତାର ଦେଖାପରେ ବିଶ୍ୱବାସୀ ୧୯୮୯ ମସିହାଠାରୁ ଜୁନ୍ ୨୬ ତାରିଖକୁ ନିଶା ନିରୋଧ ଦିବସ ଭାବେ ପାଳନ କରିଆସୁଛନ୍ତି । କିନ୍ତୁ ବହୁ ସଚେତନତା ପରେ ବି ନିଶାର ବହୁଳ ପ୍ରସାର ହୋଇଥିବାରେ ଆମ ଦେଶର ମାତ୍ର କେତୋଟି ରାଜ୍ୟରେ ରାଜ୍ୟ ସରକାର ନିଶା ବ୍ୟବସାୟକୁ ନିଷେଧ କରିଛନ୍ତି । ସରକାରଙ୍କ ରାଜସ୍ୱ ଆୟଠାରୁ ଏହି ନିଶା କବଳିତ ବ୍ୟକ୍ତିମାନେ ସମାଜରେ ବହୁ କ୍ଷତି ଘଟାଉଛନ୍ତି ବୋଲି ଚିତରଂଜନ ମତ ଦେଇଥିଲେ । 'ମନା'ର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଉପଦେଷ୍ଟା ସୁଜିତ କର, ଉପ ସଭାନେତ୍ରୀ ଅର୍ଚ୍ଚନା ନନ୍ଦି ଓ ସମ୍ମାନିତ ଅତିଥିଭାବେ ସିଦ୍ଧି ବିନାୟକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଶ୍ରୁତାଂଶୁ ଶେଖର ପଣ୍ଡା ପ୍ରମୁଖ ଯୋଗ ଦେଇ ନିଶାସେବନ ଓ ଏହାର ପ୍ରଭାବରେ ସମାଜରେ ଘଟୁଥିବା ବିଭିନ୍ନ ଦୁର୍ଘଟଣା ସମ୍ପର୍କରେ ବକ୍ତବ୍ୟ ଦେଇ ନିଶାସେବନଠାରୁ ଆଜିର ଛାତ୍ରଛାତ୍ରୀ ଓ ଯୁବସମାଜ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଏପରିକି ସଚେତନତା ପରେ ବି ନିଶାର ବହୁଳ ପ୍ରସାର ହୋଇଥିବାରେ ଆମ ଦେଶର ମାତ୍ର କେତୋଟି ରାଜ୍ୟରେ ରାଜ୍ୟ ସରକାର ନିଶା ବ୍ୟବସାୟକୁ ନିଷେଧ କରିଛନ୍ତି । ସରକାରଙ୍କ ରାଜସ୍ୱ ଆୟଠାରୁ ଏହି ନିଶା କବଳିତ ବ୍ୟକ୍ତିମାନେ ସମାଜରେ ବହୁ କ୍ଷତି ଘଟାଉଛନ୍ତି ବୋଲି ଚିତରଂଜନ ମତ ଦେଇଥିଲେ । 'ମନା'ର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଉପଦେଷ୍ଟା ସୁଜିତ କର, ଉପ ସଭାନେତ୍ରୀ ଅର୍ଚ୍ଚନା ନନ୍ଦି ଓ ସମ୍ମାନିତ ଅତିଥିଭାବେ ସିଦ୍ଧି ବିନାୟକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଶ୍ରୁତାଂଶୁ ଶେଖର ପଣ୍ଡା ପ୍ରମୁଖ ଯୋଗ ଦେଇ ନିଶାସେବନ ଓ ଏହାର ପ୍ରଭାବରେ ସମାଜରେ ଘଟୁଥିବା ବିଭିନ୍ନ ଦୁର୍ଘଟଣା ସମ୍ପର୍କରେ ବକ୍ତବ୍ୟ ଦେଇ ନିଶାସେବନଠାରୁ ଆଜିର ଛାତ୍ରଛାତ୍ରୀ ଓ ଯୁବସମାଜ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଏପରିକି ସଚେତନତା ପରେ ବି ନିଶାର ବହୁଳ ପ୍ରସାର ହୋଇଥିବାରେ ଆମ ଦେଶର ମାତ୍ର କେତୋଟି ରାଜ୍ୟରେ ରାଜ୍ୟ ସରକାର ନିଶା ବ୍ୟବସାୟକୁ ନିଷେଧ କରିଛନ୍ତି । ସରକାରଙ୍କ ରାଜସ୍ୱ ଆୟଠାରୁ ଏହି ନିଶା କବଳିତ ବ୍ୟକ୍ତିମାନେ ସମାଜରେ ବହୁ କ୍ଷତି ଘଟାଉଛନ୍ତି ବୋଲି ଚିତରଂଜନ ମତ ଦେଇଥିଲେ । 'ମନା'ର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଉପଦେଷ୍ଟା ସୁଜିତ କର, ଉପ ସଭାନେତ୍ରୀ ଅର୍ଚ୍ଚନା ନନ୍ଦି ଓ ସମ୍ମାନିତ ଅତିଥିଭାବେ ସିଦ୍ଧି ବିନାୟକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଶ୍ରୁତାଂଶୁ ଶେଖର ପଣ୍ଡା ପ୍ରମୁଖ ଯୋଗ ଦେଇ ନିଶାସେବନ ଓ ଏହାର ପ୍ରଭାବରେ ସମାଜରେ ଘଟୁଥିବା ବିଭିନ୍ନ ଦୁର୍ଘଟଣା ସମ୍ପର୍କରେ ବକ୍ତବ୍ୟ ଦେଇ ନିଶାସେବନଠାରୁ ଆଜିର ଛାତ୍ରଛାତ୍ରୀ ଓ ଯୁବସମାଜ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ସେଥିସହ ଗାଁଗାଁକୁ ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସାଧାରଣ ସଂପାଦିକା ମମତା ମହାପାତ୍ର ସଭାରେ ଯୋଗଦେବା ପରାଣି ଶୁଭେଚ୍ଛାବାର୍ତ୍ତା ପଠାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ କୁମାର ଦାସ, କଲ୍ୟାଣୀ ନନ୍ଦ, ଅକ୍ଷୟ କୁମାର ତ୍ରିପାଠୀ, ଲକ୍ଷ୍ମଣ ବିଶ୍ୱାଳ, ବସନ୍ତ ପ୍ରଧାନ, ରବିନାରାୟଣ ରୋଳ, ଶ୍ୟାମସୁନ୍ଦର ଜେନା, ଦୟାନିଧି ମହାପାତ୍ର, ଚିତ୍ତଙ୍କଦେବ ପ୍ରଭାକର ସାହୁ, ଦେବୁଧର ସାହୁ, ରଜନୀକାନ୍ତ ବେହେରା ଓ ଯତୀନ୍ କୁମାର ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

ସେବା ସଙ୍ଗମ ଫାଉଣ୍ଡେସନ ପକ୍ଷରୁ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ : ୧୦୨ ୟୁନିଟ ରକ୍ତ ସଂଗ୍ରହ

ରୋଗରାଇ, ୨୫/୦୬ (ଆ.ପ୍ର) : ଲୋଗରାଇ ବ୍ଲକର ଅନ୍ତର୍ଗତ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ସଙ୍ଗମ ଫାଉଣ୍ଡେସନର ଦ୍ୱିତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ମେଗା ରକ୍ତଦାନ ଶିବିର ଆନଲାଇନସ୍ଥିତ ଜମ୍ବୁମୁଣ୍ଡି ହଲରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ମୁଖ୍ୟ ଅତିଥି ଭାବେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର କମଳାକାନ୍ତ ଜେନା ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ବଳୁଦର୍ତ୍ତା, ସମ୍ମାନିତ ଅତିଥି ସମାଜସେବୀ ଗୌରହରି ମହାନ୍ତି, ବ୍ଲଡ ରକ୍ତଦାତା ସଂଘର ସଭାପତି ଅଧାର ଗିରି ଗୋସ୍ୱାମୀ, କବି ଶ୍ରୀକୁମାର ଘୋଷ, ବେହୁଦବା ସମ୍ବାଦ ସମିତିର ସଭାପତି ଶ୍ରୀପତି କୃଷ୍ଣ ସେଠୀ, ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ସମ୍ମାନିତ କରିଥିଲେ । ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉତର କୁମାର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ଦେଇ ଗାଇଡ଼ଲାଇନ ଅନୁସରଣ କରି ରକ୍ତ ସଂଗ୍ରହ କରିଥିଲେ । ଶିବିରରୁ ମୋଟ ୧୦୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ବେଳେ ପ୍ରତ୍ୟେକ ରକ୍ତଦାତାଙ୍କୁ ବାରାଗଛ ବଂଟନ କରାଯାଇଥିଲା । ସହିତ ଫାଉଣ୍ଡେସନର ବାର୍ଷିକ ଉତ୍ସବର ଦ୍ୱିତୀୟ ଅଧିବେଶନରେ ସେବା ସଙ୍ଗମ ଫାଉଣ୍ଡେସନର ସଭାପତି ଡପନ

ସମ୍ବାଦକ
ଆରମ୍ଭ
SEITHO ARAMBHA
ଶନିବାର, ୨୭ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

କର୍କଟ

କର୍କଟ ରୋଗ ଏବେ ମାନବ ସମାଜ ପ୍ରତି ବିପଦ ସୃଷ୍ଟି କରିଛି । ତେବେ ସଚେତନତା ଓ ସତର୍କତା ଦ୍ୱାରା ଏହି ରୋଗ ସହ ମାନବ ସମାଜ ଲଢ଼େଇ କରିବାର ଆବଶ୍ୟକତା ରହିଛି । ବର୍ତମାନ କର୍କଟ ଚିକିତ୍ସା ନିମନ୍ତେ ନୂଆ ନୂଆ ପଦ୍ଧତି ସବୁ ବାହାରିଲାଣି । ଠିକଣା ସମୟରେ ଉପଚାର ଦ୍ୱାରା ବହୁ ଲୋକ କର୍କଟ କବଳରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇପାରୁଛନ୍ତି । ଏହି ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଉଥାଏ । କର୍କଟ ରୋଗର ନିବୃତ୍ତ, ଚିକିତ୍ସା ଏବଂ ନିରାକରଣ ଦିଗରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ମିଳିତ ଜାତିସଂଘ ଏହି ଦିବସ ପାଳନକୁ ମଞ୍ଜୁରୀ ଦେଇଛି । ଆନ୍ତର୍ଜାତିକ କର୍କଟ ନିୟନ୍ତ୍ରଣ ସଂଗଠନ ପକ୍ଷରୁ ପ୍ରଥମ ଥର ପାଇଁ କର୍କଟ ରୋଗ ନିୟନ୍ତ୍ରଣ ଦିବସ ପାଳନ ଆରମ୍ଭ ହୋଇଥିଲା । ବିଭିନ୍ନ କାରଣରୁ କର୍କଟ ହୋଇଥାଏ । ତେବେ ଧୂମପାନ ଓ ଜିଣାଦ୍ରବ୍ୟ ସେବନ ଏହାର ଏକ ପ୍ରମୁଖ କାରଣ । ଏଥିରୁ ଦୂରେଇ ରହିବା ଲାଗି ଏବେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରାଯାଉଛି । ଚଳିତ ୨୦୨୦ ସୁଦ୍ଧା କର୍କଟ ରୋଗ ଜନିତ ଅସୁସ୍ଥତା ଏବଂ ମୃତ୍ୟୁକୁ ସମ୍ପୂର୍ଣ୍ଣ ଭାବେ ଦୂରେଇବା ଲାଗି ବିଶ୍ୱ କର୍କଟ ଦିବସ ପାଳନର ପ୍ରମୁଖ ଉଦ୍ଦେଶ୍ୟ ରହିଛି । ଚଳିବର୍ଷର ବିଶ୍ୱ କ୍ୟାନସର ଦିବସର ବାର୍ତା ରହିଛି 'ଆଇ ଆମ୍ ଆଣ୍ଡ ଆଇ ଉଇଲ୍ ।' ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ । ଫୁସ୍‌ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି । ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ । ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍ ବି ୮୦ ପ୍ରତିଶତ ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫ ପ୍ରତିଶତ ହେଉଛି ଲିଭର କ୍ୟାନସରର ମୁଖ୍ୟ କାରଣ । ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ଓ ଛୁଂଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କର ଶରୀରରୁ ଅନ୍ୟ ଜଣଙ୍କର ଶରୀରକୁ ପ୍ରବେଶ କରିଥାଏ । ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନସର ରୋଗରେ ମଧ୍ୟ ପୀଡ଼ିତ ହୁଅନ୍ତି । ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମପାନ ସେବନ, ଡାଇବେଟିସ୍ ଓ ଆଫ୍‌ଲା ଟକ୍ସିନ୍ ସେବନ ମାଧ୍ୟମରେ ଏହି ଲିଭର କ୍ୟାନସର ହୋଇଥାଏ । ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହ ଜଣା ଜମିବା, ଡାଇରୋସିନୋସିସ୍, ଆଲ୍‌ଫା-୧ ଏଂଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତି ମାନଙ୍କୁ ମଧ୍ୟ ଏହି କ୍ୟାନସର ରୋଗ ହୁଏ । ଏହି କାରଣ ଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ ସେବନ, ଚର୍ବି ଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ ଯେଉଁଥିରେ କି ପରବର୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନସରରେ ଆକ୍ରାନ୍ତ ହୁଏ । ଲାଭରରେ ହେପାଟାଇଟିସ୍ ବି ସାଧାରଣତଃ ବୁଢ଼ରୁ ସାତ ପ୍ରତିଶତ ଜନସାଧାରଣଙ୍କ ଭିତରେ ଦେଖାଯାଏ । ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ନ୍ତି ଆନ୍ତି । ଆମ୍ଭେମାନେ ଯଦି ହେପାଟାଇଟିସ୍ ବି କୁ ଟୀକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତାହାହେଲେ ଲିଭର କ୍ୟାନସର ମଧ୍ୟ କମିଯିବ । ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ । ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ମଧ୍ୟ ନିରାକରଣ କରାଯାଇ ପାରିବ । ରକ୍ତବ୍ୟାଧୀ ମାନଙ୍କରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିର ସଂକ୍ରମଣକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ । ହେପାଟାଇଟିସ୍ ବି ଓ ସି ପାଇଁ ବିଭିନ୍ନ ପ୍ରକାର ସଫଳ ଔଷଧ (ଏଂଟିଭାଇରାଲ୍) ବଜାରରେ ଉପଲବ୍ଧି ହେଲାଣି ଯାହା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିର ସଂକ୍ରମଣକୁ ପ୍ରତିହତ କରିହେବ । ଡାଏବେଟିସ, ଅତ୍ୟଧିକ ଧୂମପାନ ଜତ୍ୟାଦି ମଧ୍ୟ ବହୁଳାଂଶରେ ନିୟନ୍ତ୍ରଣ ସାପେକ୍ଷ । ଆଣ୍ଟିଭାଇରାଲ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନସର ବ୍ୟାପେ, ତାହାକୁ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇ ପାରିବ । ଜନସାଧାରଣ ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନସର ଭଳି ଏକ ମାରାତ୍ମକ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ୍ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ । ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି । ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିନରୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି । ୟୁନିୟନ ଫର ଇଂଟରନ୍ୟାସନାଲ କ୍ୟାନ୍ସର କଂଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା । ୨୦୨୦ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ । ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ ।

ଅନବସରରେ ମହାପ୍ରଭୁଙ୍କ ତିନିରୂପ ଓ ଅଲାରନାଥ ଲୀଳାକ୍ଷେତ୍ରର ୧୪ଦିନ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଯୁଗେ ଯୁଗେ ଲୀଳାମୟ ଭକ୍ତମାନଙ୍କ ପାଇଁ ଅନେକ ଲୀଳା ରଚନା କରିଛନ୍ତି । ସେଥିମଧ୍ୟରୁ କେତେକ ମାନବୀୟ ଲୀଳା ଅନ୍ୟତମ । ଏଥିମଧ୍ୟରେ କେତେବେଳେ ଭକ୍ତ ପାଇଁ ବଢ଼ବାଖଣ୍ଡରେ ନଦିଘୋଷ ରଥ ଅଟକିଯାଇଛି ତ ପୁଣି କେତେବେଳେ ଗୁରୁ ବଢ଼ାଇ ଭକ୍ତ ହାତରୁ ଲଡ଼ିଆ ନେଇଛନ୍ତି । ଏମିତି ଅନେକ ଲୀଳା ପାଇଁ ପୁରୁଷୋ ମ କ୍ଷେତ୍ର ପୁରୀ ଆଜି ସାଧୁ, ସନ୍ଥ, ସନ୍ନ୍ୟାସୀ ଓ ବିଭିନ୍ନ ବର୍ଗର ଭକ୍ତଙ୍କୁ ଆକର୍ଷିତ କରିଛି । ବର୍ଷ ତମାମ୍ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବାବେଳେ ଜଗନ୍ନାଥଙ୍କ ରୀତିନୀତି ସହ ଯୋଡ଼ି ହୋଇ ରହିଥିବା ବ୍ରହ୍ମଗିରି ବ୍ରହ୍ମଗିରି ଚରଣ ଦିନ ପାଇଁ ପାଲଟିଯାଏ ମହାପ୍ରଭୁଙ୍କ ଅନ୍ୟ ଏକ ଲୀଳାକ୍ଷେତ୍ର । ବାଲୁକାମୟ ସ୍ଥାନ ପୂର୍ଣ୍ଣମାରେ ଶରେଆଠ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଥାନ୍ତି । ଚତୁର୍ଦ୍ଧାବିଗ୍ରହଙ୍କ ଗାଳେ ରୁଦ୍ର ପୂଜା । ଚରଣ ଦିନ ଧରି ଅଣସର ପିଣ୍ଡିରେ ଗୁପ୍ତସେବା ପାଉଥିବା ସମୟରେ ତିନିରୂପରେ ଉପାସିତ ହୋଇଥାନ୍ତି ମହାପ୍ରଭୁ । ଏହି ସମୟରେ ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ଦାରୁବ୍ରହ୍ମ, ପରିବିର୍ଦ୍ଧ, ପ୍ରସ୍ତର ବିଗ୍ରହ ରୂପେ ପୂଜା କରିଥାନ୍ତି । ମହାପ୍ରଭୁଙ୍କ ଏହି ତିନିରୂପ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ. ସୁରେନ୍ଦ୍ର ମିଶ୍ରଙ୍କ ତଥ୍ୟ ଅନୁଯାୟୀ ମହାପ୍ରଭୁ ହେଉଛନ୍ତି ଲୀଳାମୟ । ତାଙ୍କର ସମସ୍ତ ଲୀଳା ଜଗତ ଓ ଜନାର୍ଦ୍ଦନଙ୍କ ପାଇଁ ରହିଛି । ଅନବସର ସମୟରେ ସେ ବିଭିନ୍ନ ରୂପରେ ଆଗୋପିତ ହୋଇ ଉପସ୍ଥିତ ହେଉଥିଲେ ମଧ୍ୟ ଲକ୍ଷ୍ୟ ହେଉଛି ଭକ୍ତଙ୍କ ମଙ୍ଗଳା କାମନା । ମହାପ୍ରଭୁ ଭକ୍ତଙ୍କ ମେନକୁ ଓଡ଼ୁଆ ଆସିବା ପୂର୍ବରୁ ଜଣାଇ ଦେଇଥାନ୍ତି ଜଗତ ଓ ତାଙ୍କ ମଧ୍ୟରେ କୌଣସି ବିରୋଧ ନାହିଁ । ଦାରୁରେ ସେ ପଞ୍ଚତତ୍ତ୍ୱରେ ସେ ଆଜ ପଥରରେ ବି ସେ । ତେଣୁ ବଢ଼ବାଖଣ୍ଡକୁ ଓଡ଼ୁଆ ଆସିବା ପରେ ରଥ, ପଥ ଓ ଶ୍ରୀଜଗନ୍ନାଥ ଏକାକାର ହୋଇଯାନ୍ତି । ଗରୁଡ଼ିଅଁକୁ ଦର୍ଶନ କପାଳ ଏହି ସମୟରେ ଭକ୍ତମାନେ ବ୍ରହ୍ମଗିରିସ୍ଥିତ ମହାପ୍ରଭୁ ଅଲାରନାଥଙ୍କୁ ଜଯାଇବା କରିଥାନ୍ତି । ଅନବସର ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କପାଳ ଶ୍ରୀଚୈତନ୍ୟ ମହାପ୍ରଭୁ ପ୍ରିୟମାଣ ହୋଇପଡ଼ିଥିବା ସମୟରେ ସମୁଦ୍ର କୂଳେ କୂଳେ ବ୍ରହ୍ମଗିରି ଅତି ଅଲାରନାଥଙ୍କୁ ଦର୍ଶନ କରି ଆତ୍ମସନ୍ତୋଷ ପ୍ରାପ୍ତି ହୋଇଥିଲେ । ଏହି ଚରଣ ଦିନ ଧରି ଚତୁର୍ଭୁଜ ନାରାୟଣଙ୍କୁ ଦର୍ଶନ କରି ଭକ୍ତମାନେ ଜଗନ୍ନାଥ ଦର୍ଶନର ସମ୍ପୂର୍ଣ୍ଣ ପ୍ରାପ୍ତି ହୋଇଥାନ୍ତି । ଏଣୁ ଏହି ସମୟରେ ପ୍ରସ୍ତର ରୂପେ ମହାପ୍ରଭୁଙ୍କୁ ଉପାସନା କରାଯାଇଥାଏ । ଶ୍ରୀ ଅଲାରନାଥଙ୍କ ବ୍ରହ୍ମଗିରି ପଥରରେ ନିର୍ମିତ ଚତୁର୍ଭୁଜ ମୂର୍ତ୍ତି । ଚୋରଣ ସହ ମୂର୍ତ୍ତି ଚୋଟିଏ କଳାମୁଗୁନି ଶିଳାରେ ନିର୍ମିତ । ଶ୍ରୀବିଗ୍ରହଙ୍କ ଦୂର ପାର୍ଶ୍ୱରେ ନିମ୍ନଭାଗରେ ଶ୍ରୀଦେବୀ, ଭୂଦେବୀ, ଚୋରଣର ମଝି ଦୁଇପାର୍ଶ୍ୱରେ ଲଳିତା, ବିଶାଖା ଚାମର ହସ୍ତରେ ବିଦ୍ୟମାନ । ଚୋରଣର ଊର୍ଦ୍ଧ୍ୱ ଦୁଇପାର୍ଶ୍ୱରେ ବ୍ରହ୍ମା ଓ ଶିବ ବିଦ୍ୟମାନ କରିଥିବାବେଳେ ଯୋଡ଼ହସ୍ତରେ ଗରୁଡ଼ ମଧ୍ୟ ତଳେ ବିଦ୍ୟମାନ । ଶ୍ରୀବିଗ୍ରହଙ୍କ ଊର୍ଦ୍ଧ୍ୱଦେଶ ଡାମ ହସ୍ତରେ ଶଙ୍ଖ, ଡାହାଣ ହସ୍ତରେ ଚକ୍ର, ନିମ୍ନଦେଶ ବାମ ହସ୍ତରେ ଗଦା, ଦକ୍ଷିଣ ହସ୍ତରେ ପଦ୍ମ ଶୋଭା ପାଉଛି । ସିଦ୍ଧାର୍ଥ ସଂହିତା ଅନୁସାରେ ଏହି ବିଗ୍ରହ ଜନାର୍ଦ୍ଦନ ନାରାୟଣ ଅଟନ୍ତି । ଅନବସର କାଳରେ ପଞ୍ଚପଟେ ଦାରୁବ୍ରହ୍ମ ଅଣସର ପିଣ୍ଡରେ ଗୁପ୍ତ ପୂଜା ଓ ଉପଚାର ହେଉଥିବା ସମୟରେ ସମ୍ମୁଖରେ ଏକ ଚାତି ପଡ଼ି ତା ମଧ୍ୟରେ ଶ୍ରୀ ଅନନ୍ତ ବାସୁଦେବ, ମା'ଭୂବନେଶ୍ୱରୀ, ଶ୍ରୀ ନାରାୟଣଙ୍କ ପଞ୍ଚଚିତ୍ର ସ୍ଥାପନ କରାଯାଏ । ସମ୍ମୁଖରେ ଗୋଟିଏ ଖଟ ଉପରେ ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀଙ୍କୁ କଷାର ଉପାସନା କରାଯାଏ । ଯଦିଓ ମହାପ୍ରଭୁଙ୍କୁ ଅନ୍ନ ପ୍ରସାଦ ଭୋଗ କରାଯାଏ ନାହିଁ କିନ୍ତୁ ପଞ୍ଚଦିନିଙ୍କୁ ବଲୁଛ ବ୍ୟତୀତ ଅନ୍ନପ୍ରସାଦ ଓ ଅନ୍ୟାନ୍ୟ ବ୍ୟଞ୍ଜନ ପରିବେଷଣ କରାଯାଇଥାଏ । ପରର ଦିନ ପରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଦିନ ଏହି ପଟିଦିନିଙ୍କୁ ବିସର୍ଜନ କରାଯାଇଥାଏ । ଏହିଭଳି ଭାବେ ପଟିଦିନିଙ୍କୁ ଉପାସନା କରାଯାଇଥାଏ । ଯୁଗେ ଯୁଗେ ଭକ୍ତ ପାଇଁ ଭଗବାନ ବିଭିନ୍ନ ଅଦ୍ଭୁତାର ନେଇ ଅନେକ ଲୀଳାଖେଳା କରିଛନ୍ତି । କେବେ ଗରୁଡ଼ରୁ ହୋଇ ଦାସିଆ ବାଉଳି ଝାଡ଼ରୁ ନଦିଆ ନେଇଛନ୍ତି ତ ପୁଣି ଭକ୍ତ ସାଲବେଗ ପାଇଁ ନଦିଘୋଷକୁ ଅଟକାଇ ରଖିଛନ୍ତି । ଲୀଳାମୟଙ୍କ ଲୀଳା ମଧ୍ୟରୁ ଅଲାରନାଥ ଭୂତ ମଧ୍ୟ ଆଉ ଏକ ଲୀଳା । ଭକ୍ତ ପାଇଁ ମହାପ୍ରଭୁ ଜଗନ୍ନାଥ ଚରଣ ଦିନ ଲାଗି ଛୁଟି ଆସନ୍ତି ଦ୍ୱିତୀୟ ଶ୍ରୀକ୍ଷେତ୍ର ବ୍ରହ୍ମଗିରି ପାଠକୁ । ଅଣସର ଚରଣ ଦିନ ପର୍ଯ୍ୟନ୍ତ ବ୍ରହ୍ମଗିରି ପାଲଟିଯାଏ ଶିଳ୍ପ ଏକ ପୁଣ୍ୟପୀଠ, ଆରମ୍ଭ ହୁଏ ମହାପ୍ରଭୁଙ୍କ ଲୀଳାଖେଳା । ଏଠାକୁ ଛୁଟି ଆସନ୍ତି ଅଗଣିତ ଭକ୍ତ, ଖୋଜିଯାଏ ଆନନ୍ଦବଜାର । ଦେବସ୍ନାନ ପୂର୍ଣ୍ଣମୀରେ ଶ୍ରୀଜୀଉ ଶରେ ଆଠ ଗରା ଜଳରେ ମହାସ୍ନାନ ପରେ ଚରଣ ଦିନ ଧରି ଜ୍ୱରରେ ପଡ଼ିଥାନ୍ତି । ଏହି ଚରଣ ଦିନ ଶ୍ରୀବିଗ୍ରହ ଭକ୍ତମାନଙ୍କୁ ଦର୍ଶନ ନଦେଇ ଗୁପ୍ତସେବା ପାଉଥାନ୍ତି । ମହାପ୍ରଭୁଙ୍କ ଦର୍ଶନ ନ ମିଳିବାରୁ ଭକ୍ତ ମଧ୍ୟରେ ଗେଁରାଖାଭାବ ଜାତ ହୋଇଥାଏ । ଭକ୍ତମାନଙ୍କ ଏହି କଷ୍ଟକୁ ଲାଘବ କରିବା ପାଇଁ ମହାପ୍ରଭୁଙ୍କ ଜଗନ୍ନାଥ ଅଲାରନାଥଙ୍କ ରୂପରେ ଦର୍ଶନ ଦେଇଥାନ୍ତି । ଏ ଦେଇ ଆଜି ଠାରୁ ଚରଦ ଦିନ ଧରି ବ୍ରହ୍ମଗିରିରେ ଚାଲିବ ମହାପ୍ରଭୁ ଅଲାରନାଥଙ୍କ ଅଣସର ଦର୍ଶନ । ପୁରୁଷୋ ମ ତତ୍ତ୍ୱିଲାରୁ ପ୍ରମାଣ ମିଳେ ଯେ, ଅଣସର ସମୟରେ ପରମ ଚାଲିବ ବାଦ୍ୟ ଅଲବଜା ଆବାର୍ଯ୍ୟ ନାମକ ଜନୈକ ବ୍ରାହ୍ମଣ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀରେ ଅବସ୍ଥାନ କରିଥିଲେ । ସ୍ୱାମୟାତ୍ରାରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଦେଖି ବିଭୋର ହୋଇଯାଇଥିଲେ । କିନ୍ତୁ ଏହାର ପରବର୍ତ୍ତିକ ଅନବସର ସମୟରେ ମହାପ୍ରଭୁଙ୍କ ଦର୍ଶନ କପାଳ ବିରହ ଜ୍ୱାଳାରେ ମ୍ରିୟମାଣ ହୋଇପଡ଼ିଥିଲେ । ଏହି ବିରହ ଜ୍ୱାଳାକୁ ପ୍ରଶମିତ କରିବା ପାଇଁ ସମୁଦ୍ର କୂଳେ କୂଳେ ଯାଉଥିବା ସମୟରେ ବ୍ରହ୍ମଗିରିସ୍ଥ ଅଲାରନାଥ ପାଠରେ ପହଂଚି ନାରାୟଣ ମୂର୍ତ୍ତିକୁ ଦେଖି ଏତେ ବିଭୋର ହୋଇଯାଇଥିଲେ ଯେ, ସେଠାରେ ପଡ଼ିଥିବା ଏକ ପଥର ଉପରେ ଦଣ୍ଡବତ ସ୍ୱରୂପ ପ୍ରଣିପାତ ହୋଇଥିଲେ । ଜଗନ୍ନାଥଙ୍କ ଦର୍ଶନ କପାଳ ବିରହ ଜ୍ୱାଳାରେ ତାଙ୍କ ଶରୀର ଏତେ ଉତ୍ତପ୍ତ ହୋଇଯାଇଥିଲା ଯେ ଉକ୍ତ ପ୍ରସ୍ତର ଖଣ୍ଡକ ତାଙ୍କ ଶରୀରର ଆକୃତି ଭଳି ଡରଳି ଯାଇଥିଲା, ଯାହା କି ବର୍ତ୍ତମାନ ସର୍ବାଙ୍ଗ ଶିଳା ଭାବେ ମନ୍ଦିର ପରିସରରେ ପୂଜା ପାଉଛି । ଉକ୍ତ ପ୍ରସ୍ତର ଭକ୍ତର ଭକ୍ତିଭାବର ପ୍ରମାଣ ବହନ କରୁଛି । ଅଣସର ସମୟରେ ଶ୍ରୀମନ୍ଦିର ସ୍ଥିତ ମହାପ୍ରଭୁଙ୍କ ଅଲାରନାଥଙ୍କ ପ୍ରିୟଭୋଗ ଖିରି ପ୍ରସାଦ ଆନନ୍ଦ ବଜାରରୁ ମିଳିଥାଏ । ମହାପ୍ରଭୁ ଅଲାରନାଥଙ୍କ ପ୍ରିୟଭୋଗ ଖିରିକୁ ନେଇ ଜିୟନ୍ତୀ ଏବଂ କପିଳ ସଂଦିତାରେ ଆଉ ଏକ ବର୍ଣ୍ଣନା ରହିଛି । ଉପନୟନ ଓ ମନ୍ତ୍ର ଶିକ୍ଷା ନଥିବା ୫ବର୍ଷର ବାଳକ ହାତରୁ ଖିରି ଖାଇ ଅଲାରନାଥ ନିଜେ ପ୍ରମାଣ କରିଦେଇଛନ୍ତି ଭକ୍ତ ମନରେ ଭାବ ଥିଲେ ମନ୍ତ୍ର ଉପଚାରର ଆବଶ୍ୟକତା ନାହିଁ । ଯୁଗେ ଯୁଗେ ଏହାର ପ୍ରମାଣ ଦେବା ପାଇଁ ଏବେ ବି ମହାପ୍ରଭୁଙ୍କ ଦେହରେ ଖିରିଆଁଆର ଗୋହେଲା ଦାଗ ରହିଛି । ଏହି ଭ୍ରାତୃତ୍ୱ ପରିଚାରର ନାମ ଅନୁଯାୟୀ ଅଲାରନାଥ ହେବାର ପ୍ରମାଣ ଅଛି । ଲୀଳାକ୍ଷେତ୍ର ବ୍ରହ୍ମଗିରିରେ ମହାପ୍ରଭୁ ଅଲାରନାଥଙ୍କ ପାଠରେ ଅଣସର ଦର୍ଶନ କରି ଶ୍ରଦ୍ଧାଳୁମାନେ ଅଶେଷ କୃପା ଲାଭ କରିଥାନ୍ତି ।

ନିର୍ଦ୍ଦେଶିକ-ସମ୍ପାଦିକା, ଆନ୍ତର୍ଜାତିକ ଅଶୋକନମ୍ବରୀ ମିରୋଧ ଆନ୍ଦୋଳନ, କଟକ,
ଦୂରଭାଷ:୯୯୩୭୧୭୨୮୧୦

ଅର୍ଥାଭାବରେ ବାପା ଓ ସ୍ୱାସ୍ଥ୍ୟବୀମା

॥ ବାଦଲ ଭୂୟାଁ ॥

ଗତ ସପ୍ତାହରେ ପାଳିତ ହୋଇଯାଇଛି ବିଶ୍ୱ ପିତୃ ଦିବସ । ଯାହାଙ୍କ ଅଙ୍ଗୁଳି ଓ ବସର ହାତ ଧରି ଆମ୍ଭେମାନେ ଏ ପୃଥିବୀରେ ପାଦ ଦେଇଛେ ସେ ହେଉଛନ୍ତି ଆମ ବାପା । ବାପାମାନେ ପରିବାରର ମୂଳଦୁଆ ଗୋଇଥିବାବେଳେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସୋମାନେ ଯଥା ସମ୍ଭବ ପ୍ରଚେଷ୍ଟା କରିଥାନ୍ତି । ପିତୃ ଦିବସ କଥାଟିକୁ ନେଇ ଆଲୋଚନା କଲାବେଳେ ଏକ ପରିସଂଖ୍ୟାନର ତଥ୍ୟ ଉପରେ ଟିକେ ନଜର ପକାଇବା । ଭାରତର ଅଧିକାଂଶ ବୟସ୍କ ଲୋକ ସେମାନଙ୍କ ପରବର୍ତୀ ବର୍ଷ ପାଇଁ ପ୍ରସ୍ତୁତ ନୁହନ୍ତି । ପ୍ରତି ୩ଜଣ ବୟସ୍କ ମଧ୍ୟରୁ ଜଣଙ୍କର ଆର୍ଥିକ ଅଭାବ ରହିଛି । ପ୍ରାୟ ୬୫% ବୟସ୍କ ସେମାନଙ୍କର ବର୍ତମାନର ଆୟ, ସଂଚୟ ଏବଂ ନିବେଶର ଉପଲବ୍ଧତା ସହିତ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ନୁହନ୍ତି । ସେହିଭଳି ସମ୍ମାନଜନକ ଜୀବନଯାପନ ପାଇଁ ଅଧିକାଂଶ ଅନ୍ୟମାନଙ୍କ ଉପରେ ଅଧିକ ନିର୍ଭରଶୀଳ ହୋଇ ଲେଖୁଏଁ ଲକ୍ଷିଆ ରିପୋର୍ଟରୁ ଜଣାପଡ଼ିଛି । ନିଜସ୍ବ ନିର୍ଯାତନା ହୋଇଯାଇଥିବା ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସ ଅବସରରେ ହେଲ୍ପଏଜ ଇଣ୍ଡିଆ ଭାରତରେ ବୟସ୍କ ଆଦର୍ଶକ ଯତ୍ନ ଆହ୍ୱାନର ଅନୁସନ୍ଧାନ ଏବଂ ପଦକ୍ଷେପ ଶୀର୍ଷକ ଭାରତୀୟ ରିପୋର୍ଟ ଉନ୍ମୋଚନ କରିଛି । ଦଶ ରାଜ୍ୟରେ ୨୦ଟି ସହରରେ ୫୧୬୯ଜଣ ବୟସ୍କ ଏବଂ ୧୩୩୩ ଜଣ ପ୍ରାଥମିକ ପରିଚାଳ ସଦସ୍ୟଙ୍କ ଉପରେ ଏହି ସର୍ଭେ କରାଯାଇଥିଲା । ରିପୋର୍ଟ ଅନୁସାରେ ୩୨% ବୟସ୍କ କିମ୍ବା ସେମାନଙ୍କ ଜୀବନଯାତ୍ରାକର ବାର୍ଷିକ ଆୟ ୫୦ ହଜାର ଟଙ୍କାରୁ କମ ରହିଛି । ଜେରିଆଟ୍ରିକ ସ୍ୱାସ୍ଥ୍ୟସେବା ସୁବିଧା ବିଷୟରେ ମାତ୍ର ୧୫% ସଚେତନ ରହିଛନ୍ତି । କେବଳ ୩୧% ବୟସ୍କ ବ୍ୟକ୍ତି ସ୍ୱାସ୍ଥ୍ୟ ବୀମା ପାଇବା ବିଷୟରେ ସୂଚନା ଦେଇଛନ୍ତି । ୫୪% ବୃଦ୍ଧ କିମ୍ବା ଅଧିକ ଅସଂକ୍ରାମକ ରୋଗରେ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୨୭ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଶ୍ରୀରଙ୍କ ନାଥ ଦେବଙ୍କ ପୀଠରେ ରୁକ୍ମିଣୀ ବିବାହ ସମ୍ପନ୍ନ

ଗୁଆଳି ଯାତ୍ରାରେ ନଗର ପରିକ୍ରମା କରିବେ ଦେବଦମ୍ପତି

ଚିଲିକା/ ବାଣପୁର, ୨୫/୦୬ (ଆ.ପ୍ର) : ସର୍ବଧର୍ମ ସମନ୍ୱୟପୀଠ ବାଣପୁରରେ ଜ୍ୟେଷ୍ଠ ଶୁକ୍ଳ ଶୀତଳ ଷଷ୍ଠୀରେ ଦେବଦେବ ମହାଦେବ ମା' ପାର୍ବତୀଙ୍କ ଦେବ ବିବାହ କାର୍ଯ୍ୟ ସମାପନ ପରେ ଶୁକ୍ଳ ଏକାଦଶୀରେ ଆରାଧ୍ୟ ଠାକୁର ଶ୍ରୀରଙ୍କ ନାଥ ଦେବଙ୍କ ପୀଠରେ ମହାସମାରୋହରେ ଅନୁଷ୍ଠିତ ହୋଇଥିବା ରୁକ୍ମିଣୀ ବିବାହ ପରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ । କଳକ ଦେବୀରେ ଦେବଦମ୍ପତିଙ୍କୁ ଦର୍ଶନ କରି କୃପା ଲାଭ ନିମନ୍ତେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା । ମାନବୀୟ ଲୀଳାର ଏହି ପରମ୍ପରାରେ ଶଙ୍ଖ, କାଳାଳୀ ଘଂଟା, ଘଂଟ ବାଦ୍ୟ ସହିତ ହରିବୋଲ ହୁଳୁହୁଳି ଶବ୍ଦରେ ମନ୍ଦିର ପରିସର ସତେଯେମିତି ଉଛୁଳି ପଡୁଥିଲା । ଉତ୍କଳର ଶ୍ରୀକ୍ଷେତ୍ର ଧାମପରି ଲୀଳାକ୍ଷେତ୍ର ବାଣପୁରର ଆରାଧ୍ୟ ତ୍ରିଭୁବନପତି ଠାକୁର ଶ୍ରୀ ଶ୍ରୀରଙ୍କ ନାଥ ଦେବଙ୍କ ପୀଠରେ ପ୍ରତ୍ୟୁଷରୁ ଦ୍ୱାରପିଟା, ମଙ୍ଗଳ ଆଳତି, ମଙ୍ଗଳମ, ତଡ଼ପଲାଗି, ଅବକାଶ, ବେଶ,ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାଦଶକ ପୂଜା ପରେ ସାଧାରଣଗେଲା ହୋଇ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କୁ ସ୍ନାନ ଦିଆ ଗୋଲ ବେଶ କରାଯାଇଥିଲା, ମା' ମଙ୍ଗଳଶ୍ରୀ ଙ୍କୁଆଷ୍ଟାମାଳ ପରେ ମନ୍ଦିର ପରିସରରେ ଥିବା ବିମାଳଙ୍କ ମନ୍ଦିର ଜଗମୋହନରେ ବିଜେ କରାଯାଇଥିଲା । ସେଠାରୁ ବ୍ରିତାଭନୀତି ସମାପନ ପରେ ଶ୍ରୀମଦନମୋହନଙ୍କୁ ଆଜ୍ଞାମାଳ ହୋଇ ବିମଳାଙ୍କ ପୀଠରେ ପଞ୍ଚଂଚିତା ପରେ ରୁକ୍ମିଣୀ ସ୍ୱରୂପିଣୀ ମା' ମଙ୍ଗଳଶ୍ରୀଙ୍କୁ ଶ୍ରୀମଦନମୋହନ ଦେବ ହାତଧରି ମନ୍ଦିର ଆଡ଼କୁ ବିଜେ କଲା ବେଳେ ପାଟ ଅଗଣାରେ ଶିଶୁପାଳନୀତି କାନ୍ତି ଶେଷକରି ନାଟମଣ୍ଡପରେ ବିଜେ କରିଥିଲେ । ପରେ ଅପରାହ୍ନରେ ମନ୍ଦିର ତରଫରୁ ବାଣପୁରର ସମସ୍ତ ଦେବା ଦେବୀ ମନ୍ଦିରକୁ ବିବାହ ନିମନ୍ତ୍ରଣ ଗୁଆଙ୍ଗଂଟ ନୀତି ସାରି ସଂଧାରେ ଅମୃତ ଲଗୁରେ ଶ୍ରୀମଦନ ମୋହନ ଦେବଙ୍କ ବରଯାତ୍ରା ବିରାଟ ପଟୁଆରରେ ନଗର ପରିକ୍ରମା କରିବା ପରେ ମନ୍ଦିର ପରିସରରେ କନ୍ୟାପିଢା ଭାବରେ ବରିଷ୍ଠ ଆଇନଜ୍ଞ ଶ୍ୟାମସୁନ୍ଦର ମିଶ୍ର ବାଟବରଣୀ କରି ବର ଶ୍ରୀ ମଦନ ମୋହନଙ୍କୁ ବେଦୀ ଉପରକୁ ପାଞ୍ଚେଟି ନେଇଥିଲେ । ବୈଦିକ ରୀତି ନୀତିରେ ବିବାହ କାର୍ଯ୍ୟରେ ଶ୍ରୀମିଶ୍ର କନ୍ୟାଦାନ କରିଥିଲାବେଳେ, ମନ୍ଦିର ପରିଚାଳନା ପଟ୍ଟଚରଣ ମହାପାତ୍ର ବରପିଢାର ଦାୟିତ୍ୱ ସଂପାଦନ କରିଥିଲେ । ମନ୍ଦିର ପୁରୋହିତ ପଣ୍ଡିତ କୃଷ୍ଣଚନ୍ଦ୍ର ଦାଶ ,ପଣ୍ଡିତ ମୃତ୍ୟୁଞ୍ଜୟ ଦାଶ ବିବାହ କାର୍ଯ୍ୟ ପରିଚାଳନା କରିଥିଲାବେଳେ ମନ୍ଦିର ପରିଚାଳନା କମିଟିର ପ୍ରମୁଖ ଦାଶରଥିସାହୁ, ଦେବଦତପଣ୍ଡା, ଚାଳମୁକୁନ୍ଦ ଦାସ, କାମେଶ୍ୱର ଆଢ଼ାରୀ । ଉଦାହୁ ପ୍ରଧାନ, ସଚିବମିଶ୍ର । ଶ୍ରୀନିବାସ ଆଢ଼ାରୀ, ସୂର୍ଯ୍ୟନାରାୟଣପାତ୍ର, ଶିବ ପ୍ରଧାନ, ସଚିବାନନ୍ଦ ପରିମାଣିକ, ସତ୍ୟନାରାୟଣ ତ୍ରିପାଠୀ, ଅଶ୍ୱିନୀ ଖଡ଼ଙ୍ଗୀ, ଅଷ୍ଟୁତୋଷ ଷଡ଼ଙ୍ଗୀ, ପ୍ରମିଳା ସୁବୁଦ୍ଧି, ଲକ୍ଷ୍ମୀ ପାତ୍ର ପ୍ରମୁଖଙ୍କ ସହଯୋଗରେ ଏହି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଦ୍ୱାଦଶୀରେ ଦେବଦମ୍ପତିଙ୍କ ଗୁଆଳି ଯାତ୍ରା ନଗର ପରିକ୍ରମା ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟିତରଫରୁ ପ୍ରକାଶ ।

ବିଶ୍ୱ ମାଷ୍ଟର ଆଥଲେଟିକ୍ସରେ ଖେଳିବେ ଗଜପତିର କିଶୋର ରଥ

ପାରଳାଖେମୁଣ୍ଡି, ୨୫/୦୬ (ଆ.ପ୍ର) : ଗଜପତି ଜିଲ୍ଲାର ଦରିଦ୍ର ଜାତିଦିତ୍ କିଶୋର ରଥ ଉଡ଼ିଶା ମାଷ୍ଟର ଆଥଲେଟିକ୍ସରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ୬୦ରୁ ଊର୍ଦ୍ଧ୍ୱ ବୟସରେ ମଧ୍ୟ ସେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଗାଡ଼ନେଇ ବହୁବାର ପଦକ ଜୟଲାଭ କରିଛନ୍ତି । ନିକଟରେ ଜାତୀୟ ଆଥଲେଟିକ୍ସ ତରଫରୁ ତାଙ୍କୁ ଆସନ୍ତା ୨୦୨୬ ମଇ ୧୩ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଜାପାନର ହେବାକୁଥିବା ବିଶ୍ୱ ମାଷ୍ଟର୍ସ ଖେଳାକୁ ଯୋଗ୍ୟ ବିବେଚିତ ନିୟମିତ ଖେଳକୁଦ ଅଭ୍ୟାସ କରୁଛନ୍ତି । ତାଙ୍କର ଏହି ପାରଳାଖେମୁଣ୍ଡି ବିଧାୟକ ଜଂ ଗୁପେଶ କୁମାର ପାଣିଗ୍ରାହୀ, ବୁଦ୍ଧିଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିନୋଦ ଚନ୍ଦ୍ର ଜେନା, ଭାରତ ଭୂଷଣ ମହାନ୍ତି, ବିଚିତ୍ରାନନ୍ଦ ବେତର୍ଣା , ଭାଗବତ ପାଢୀ ଠାରୁ ଗଜପତି ଜିଲ୍ଲା ସାମ୍ପ୍ରଦାୟିକ ସଂଘର ସମସ୍ତ ସଭ୍ୟ ସଭ୍ୟା ତାଙ୍କ ଶୁଭେଚ୍ଛା ଜଣାଇଛନ୍ତି । ବିଶ୍ୱ ପ୍ରତିଯୋଗିତାରେ ଆହୁରି ପଦକ ଲାଭ କରି ଗଜପତି ଜିଲ୍ଲାର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଛନ୍ତି ।

ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ବିଶାଳ ରକ୍ତଦାନ ଶିବିର, ବୃକ୍ଷରୋପଣ ଓ ଫଳ ବଂଟନ କାର୍ଯ୍ୟକ୍ରମ

ବାସୁଦେବପୁର, ୨୫/୦୬ (ଆ.ପ୍ର) : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ବାସୁଦେବପୁର ଅଂଚଳରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିଜେପି ବଦର ଯୁବ ନେତା ଉଦୟ ନାରାୟଣ ମଲ୍ଲିଙ୍କ ନେତୃତ୍ୱରେ ମହାରୀସ୍ଥିତ ମଣ୍ଡଳ ପୋଖରୀ ସରକାରୀ କଲ୍ୟାଣ ମଞ୍ଚରେ ବିଶାଳ ରକ୍ତଦାନ ଶିବିର, ବୃକ୍ଷରୋପଣ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ କୁନି କୁନି ପିଲାଙ୍କୁ ଫଳ ବଂଟନ କାର୍ଯ୍ୟକ୍ରମ ହୋଇଛି । ଜନୁଦିନ ଅବସରରେ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାର ପରମ୍ପରା ବିଜିନ୍ନ ସ୍ଥାନରେ ମଧ୍ୟ ଦେଖାଯାଉଛି । ଏହି କାର୍ଯ୍ୟକ୍ରମକୁ ଫିତା କାଟି ଶୁଭ ଉଦଘାଟନ କରିଥିଲେ ଉତ୍କଳ ସଦର ଏସଡିପିଓ ବିଚିତ୍ରାନନ୍ଦ ଝେଟୀ । ଏଥିରେ ବାସୁଦେବପୁର ଥାନା ଅଧିକାରୀ ନୀରୋଜ କୁମାର ସାମଲଙ୍କ ସମେତ ବହୁ ଜନପ୍ରତିନିଧି, ସାମାଜିକ କର୍ମୀ ଓ ଭାରତୀୟ ଜନତା ପାର୍ଟିର କର୍ମୀ ଓ କର୍ତ୍ତାମାନେ ଯୋଗଦେଇଥିଲେ । ରକ୍ତଦାନ ଭଳି ମହତ କାର୍ଯ୍ୟ ମାଧ୍ୟମରେ ଜୀବନ ରକ୍ଷାର ବାର୍ତ୍ତା ଦିଆଯାଇଥିବା ବେଳେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ୫ ନମ୍ବର ୱାର୍ଡ ପାରିଷଦ ଜଗବନ୍ଧୁ ଦାସ, ୬ ନମ୍ବର ୱାର୍ଡ ପାରିଷଦ ହେମନ୍ତ କୁମାର ନାୟକ, ଭାଳୁମତୀ ମଲ୍ଲିକ, ଶୃତିରଞ୍ଜନ ନାୟକ, ସୁରେଶ ମହାନ୍ତି, ବାସୁଦେବ କାଣ୍ଡି, ବିଭୂତି ପାଣିଗ୍ରାହୀ, ସୀଙ୍କୁ ମାଢୀ, ଘନଶ୍ୟାମ ମୁଦୁଲି, ସନାତନ ବେହେରା, ସୌମ୍ୟାରଞ୍ଜନ ମଲ୍ଲିକ, ରାମଚନ୍ଦ୍ର ଘଡ଼ାଇ, ଜୀତେନ୍ଦ୍ର ବାରିକ, ଆନନ୍ଦ ଶଙ୍କର ଦାସ, କୃପାସିନ୍ଧୁ ଦାସ ଓ ହେମନ୍ତ ସନ୍ଧିବିଗ୍ରହଙ୍କ ସମେତ ବିଜେପି ବଦର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।

ମା ଧୂମାବତୀ କିନ୍ନର ସଙ୍ଘ ତରଫରୁ ସାନିଟାରୀ ପ୍ୟାଡ଼ ବଂଟନ

ଚାଙ୍ଗା ଗୋଦ୍ୱାର, ୨୫/୦୬ (ଆ.ପ୍ର) : ଗୋଦ୍ୱାର ଗାଣ୍ଡିଙ୍କର ଗ୍ରିଡ ଗେଟ୍ରିକାଲ ପରିସରରେ ଥିବା ତେଲଗୁ ବସ୍ତିରେ କିନ୍ନରଙ୍କ ପକ୍ଷରୁ ସାନିଟାରୀ ପ୍ୟାଡ଼ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଦ୍ୱାର ମା ଧୂମାବତୀ କିନ୍ନର ସଙ୍ଘ ପକ୍ଷରୁ ଗାଣ୍ଡିଙ୍କର ଠାରେ ଥିବା ଚେଜିନିକାଲ ତେଲଗୁ ବସ୍ତିର ଜୟ ଦୁର୍ଗା କ୍ଲବ ପରିସରରେ ମା ଧୂମାବତୀ କିନ୍ନର ସଙ୍ଘ ପକ୍ଷରୁ ତେଲଗୁ ବସ୍ତିରେ ରହୁ ଥିବା ପ୍ରତ୍ୟେକ ଘରକୁ ସାନିଟାରୀ ପ୍ୟାଡ଼ ବଂଟିବା ସହିତ ଛୋଟ ଛୋଟ ପିଲା ମାନଙ୍କୁ ମିଠାଇ ବାଂଟୁ ଥିବାର ଦେଖିବାକୁ ମିଳିଥିଲା । ଏହି ମହତ କାର୍ଯ୍ୟ ପ୍ରତିଟି ଖୁଣ୍ଟରେ କରାଯିବ ବୋଲି କିନ୍ନର ସଙ୍ଘର ମୁଖ୍ୟ ସାନୁ ଉଣମାଝମ ଆଗରେ ବକ୍ତବ୍ୟ ରଖିଥିଲେ । କିନ୍ନର ସଂଘର ଅନେକ ସଦସ୍ୟ ଉପସ୍ଥିତ ରହି ଏହି ଜନହିତକର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ କାରବାର ବିରୋଧ ଦିବସ-୨୦୨୬

ଅବସରରେ ସଚେତନତା ପଦ ଯାତ୍ରା ସହ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ

ପାରଳାଖେମୁଣ୍ଡି, ୨୫/୦୬ (ଆ.ପ୍ର) : ଗଜପତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଜିନ୍ନଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ୨୦୨୬ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତୃତା ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବକାରୀ ଉପ ଆରକ୍ଷୀ ଅଧ୍ୟକ୍ଷକ ପ୍ରତିଧରା ନାୟକ ଓ ବ୍ରହ୍ମ କୁମାରୀ ଶୁଭାରୀ ରରଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଂଚାସୀନ ହୋଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍କର୍ଣ୍ଣାତା ତରଫରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଗଜପତି ଜିଲ୍ଲାର ନିଶା ନିବାରଣ କେନ୍ଦ୍ରରେ ଚିକିତ୍ସିତ ହୋଇ ସୁସ୍ଥ ଓ ସଫଳ ଜୀବନଯାପନ କରୁଥିବା ଗୋଷ୍ଠାଣି ବୁଜର ଭାଗୀରଥୀ ବାରିକ ଓ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିର ଜୋକା ଜୋକେଶ୍ୱର ଗାଉଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଗଜପତି ଜିଲ୍ଲାର ଗାଲେଂଟ ଜାନୁ ଦଳର କଳାକାରମାନେ ସଚେତନତାମୂଳକ ପଥପ୍ରନ୍ତ ନାଟକ ପରିବେଷଣ କରିଥିଲେ । ସଜାଳ ସମୟରେ ସହରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ସ୍ଥାନୀୟ ଜନତା, ତୃତୀୟ ଲିଙ୍ଗୀ ବ୍ୟକ୍ତିବିଶେଷ, ସରକାରୀ ଓ ବେସରକାରୀ କର୍ମଚାରୀଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ମହାରାଜା କାଳକ ଗଜ ବିଦ୍ୟାଳୟ ଠାରୁ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପର୍ଯ୍ୟନ୍ତ କରାଯାଇଥିଲା । ଏହି ସଚେତନତା ପଦ ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ(ଲାଇସ୍) ମୁକୁନ୍ଦ ହୋନାନାଗା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଏଲ୍ ସନ୍ତୋଷ କୁମାର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଶେଷ କରିଥିଲେ ।

ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ନିଶା ନିବାରଣ ଓ ଅନୈତିକ ଚାଲାଣ ନିରୋଧ ଦିବସ ପାଳନ ୨୦୨୬

ନବରଙ୍ଗପୁର, ୨୫/୦୬ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାରେ ଆନ୍ତର୍ଜାତିକ ନିଶା ନିବାରଣ ଓ ଅନୈତିକ ଚାଲାଣ ନିରୋଧ ଦିବସ ୨୦୨୬ ପାଳନ ହୋଇ ଯାଇଛି । ଜିଲ୍ଲା ଅବକାରୀ ବିଭାଗ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ର ମିଳିତ ଆନୁକୂଲ୍ୟରେ ସଜାଳ ୮.୩୦ ରେ ଏକ ସଚେତନତା ଶୋଭାଯାତ୍ରା ଗାଣ୍ଡୀ ଚକ ଠାରୁ ଆରମ୍ଭ ହୋଇ ସାଲ କଲ୍ୟାଣ ମଣ୍ଡପ ଯାଏଁ, ବିଭିନ୍ନ ନିଶା ନିବାରଣ ବାର୍ତ୍ତା ଦେଇ ଯାଇଥିଲା । ଏହି ସଚେତନତା ଯାତ୍ରାକୁ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ପାତ୍ର, ଅବକାରୀ ଅଧ୍ୟକ୍ଷକ ପ୍ରତାପ କୁମାର ଦାସ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସ୍ଥାନୀୟ ସାଲ କଲ୍ୟାଣ ମଣ୍ଡପ ଠାରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ମୁଖ୍ୟ ଅତିଥି ପୌରପାଳିକା ଅଧ୍ୟକ୍ଷ ଯୁକ୍ତ କୁନୁ ନାୟକ ,ମୁଖ୍ୟ ବକ୍ତା ରୂପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସମ୍ମାନିତ ଅତିଥି ଭାବେ ବ୍ରହ୍ମ କୁମାରୀ ଲଣ୍ଡୀରିଆ ବିଶ୍ୱବିଦ୍ୟାଳୟ ର ମୁଖ୍ୟ ସଂଚାଳିକା ବି ଜେ ନମିତା, ଆଲାଶ ସଂସ୍ଥାରୁ ମହମ୍ମଦ ହବିବ, ଜିଲ୍ଲା ସ୍ତରୀୟ ଅଧିକାରୀ ଦ୍ରୌପଦୀ ଜର୍ଜିନ, ବରିଷ୍ଠ ନାଗରିକ ତଥା ମାରାଥନ୍ ଦୌଡ଼ବିତ ଚିତରଞ୍ଜନ ପାତ୍ର ମଂଚାସିନ ହୋଇ ନିଶା ନିବାରଣ ଉପରେ ବକ୍ତବ୍ୟ ରଖିଥିଲେ । ନିଶା ଏକ ସାମାଜିକ ବ୍ୟାଧି ରୂପରେ ଲମ୍ବ ରୂପ ଧାରଣ କରିଛି ବୋଲି ସମସ୍ତେ ମତ ରଖିଥିଲେ । ଯୁବ ବର୍ଗ ଠାରୁ ପିଲା ଯାଏଁ ସମସ୍ତେ ନୂଆଁ ନିଶା ମୋହାଲକ ନିଶା ରେ ଜଡ଼ିତ ହୋଇ ସାରିଲେଣି ବୋଲି ସମସ୍ତେ ଚିନ୍ତା ବ୍ୟକ୍ତ କରିଥିଲେ । ବୈଠକ ପ୍ରାରମ୍ଭ ରେ ନବରଙ୍ଗପୁର ଜିଲ୍ଲାର ପ୍ରତି କିନ୍ନର ଏକ ସୁନ୍ଦର ଗୀତ ପରିବେଷଣ କରି ସମସ୍ତଙ୍କୁ ମନମୁଗ୍ଧ କରିଥିଲେ । ଜିଲ୍ଲା କିନ୍ନର ସଂଘର ସଭ୍ୟାଦିକା ତୁମୁଳି କିନ୍ନର ନିଶାର ଅପବ୍ୟବହାର ଓ ଏହାର ନିରାକରଣ ନିମନ୍ତେ ସମସ୍ତେ ଚେଷ୍ଟିତ ହେବା ଉଚିତ୍ କହି ବକ୍ତବ୍ୟ ରଖିଥିଲେ । ଏତଦ ସହ ସଚେତନତା ନିମନ୍ତେ ଦସ୍ତଖତ ଅଭିଯାନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ,ବକ୍ତୃତା, ଓ ରଚନା ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ପୁରସ୍କାର ତଥା ପ୍ରମାଣ ପତ୍ର ଦେଇ ସମ୍ମାନିତ କରା ଯାଇଥିଲା । ଆଶା କିରଣ ଅଧ୍ୟକ୍ଷ ତଥା ନାଟ୍ୟକାର ଜଗନ୍ନାଥ ବେହେରା ସଞ୍ଚାଳାର୍ଯ୍ୟ ପରିଚାଳନା କରିଥିଲେ । ଏଥିରେ ଜିଲ୍ଲା ସାମାଜିକ ବିଭାଗରୁ ଧନଞ୍ଜୟ ରାଉତ, ବୃନ୍ଦାବନ ଦେବତର୍ଣା, ଶକୁନ୍ତଳା ଇଡ଼ା ମିଶ୍ରଣ ତ୍ରିପାଠୀ, ମନୀଷା ରଥ ସୌମ୍ୟରଞ୍ଜନ ନାୟକ, ସାଗରିକା ମହଜୁଦ, ଲିପା ପଣ୍ଡା ସାହୁ, ପୀତବାସ, ଶି, ପବନ କୁମାର ସହିତ ଅବକାରୀ ବିଭାଗରୁ ବିଭୀଷଣ ରଥ, ରଞ୍ଜୁଲତା, ବୃନ୍ଦାବନ, ବିଂଶରାଜ, ସମୀର ସ୍ୱାଇଁ,ସମୀର ଲୋଶଲ୍ୟ, ତ୍ରାଭୋଦନ ଇଡ଼ା, ସୁନିଲ ଦାସ ଯୋଗ ରେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଛାତ୍ର ଛାତ୍ରୀ, ଅଙ୍ଗନୱାଡ଼ି, ଆଶା କର୍ମୀ, ପୋଲିସ ବିଭାଗ, ଅବକାରୀ ବିଭାଗ , ସାମାଜିକ ସୁରକ୍ଷା ବିଭାଗ ସହିତ ଜନସାଧାରଣ ଯୋଗଦାନ କରିଥିଲେ । ନିଶା ନିବାରଣ ଉପରେ ଶପଥ ପାଠ କରାଯାଇଥିଲା । ପରିଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସମସ୍ତଙ୍କୁ ନିଶା ଠାରୁ ଦୂରରେ ରହିବା ସହ ନିଜ ପରିବାର ଓ ସମାଜକୁ ନିଶାରୁ ମୁକ୍ତ କରିବାକୁ ପ୍ରଚେଷ୍ଟା ସକାଶେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ ।

ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥ ବାଘମାରି ଠାରେ ସଡ଼କ ଦୁର୍ଘଟଣା

ଖୋର୍ଦ୍ଧା, ୨୫/୦୬ (ଆ.ପ୍ର) : ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବାଘମାରି ବଡ଼ଖଣ୍ଡ ନିକଟରେ ଏକ ଅଟୋକୁ ଧକ୍କା ଦେଇଛି ଏକ ହାଇଭା ଟ୍ରକ । ଦୁର୍ଘଟଣା ପରେ ଅଟୋ ଚାଳକ ଗାଡ଼ି ଭିତରେ ଚାପି ହୋଇ ରହିଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସୂଚନା ଅନୁଯାୟୀ, ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବାଘମାରି ବଡ଼ଖଣ୍ଡ ନିକଟରେ ଏକ ଅଟୋକୁ ଭାଲଭାବି ଟ୍ରକ ଧକ୍କା ଦେବା ଫଳରେ ଅଟୋଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଏଥିରେ ଅଟୋ ଚାଳକ ଗାଡ଼ି ଭିତରେ ଚାପି ହୋଇ ରହିଥିଲେ । ସ୍ଥାନୀୟ ଲୋକେ ଓ ପୋଲିସ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରିନଥିଲେ । ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି କଟର ମେସିନ୍ ସାହାଯ୍ୟରେ ଅଟୋର କ୍ଷତିଗ୍ରସ୍ତ ଅଂଶ କାଟି ଚାଳକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା ଓ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ।

ସିନାପାଲିରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ: ସୁରକ୍ଷା, ଟ୍ରାଫିକ୍ ଓ ସେବା ବ୍ୟବସ୍ଥା ଉପରେ ଗୁରୁତ୍ୱ

ସିନାପାଲି, ୨୫/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ସିନାପାଲିସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଆଗାମୀ ରଥଯାତ୍ରା ଓ ସମ୍ପର୍କିତ ସମସ୍ତ ପର୍ବପର୍ବାଣୀଙ

ଦୈନିକ
ଆରମ୍ଭ
SEITHO AKAMBHA
ଶନିବାର, ୨୭ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦେବୀ ରୁକ୍ମିଣୀଙ୍କ ସହ ବିବାହ ଉତ୍ସବ

ପୁରୀ, ୨୫/୦୬ (ଆ.ପ୍ର) : ଜ୍ୟେଷ୍ଠ ମାସ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ପ୍ରତିବର୍ଷାନୁସାରେ ପୂଜା ସମାପ୍ତ ହେବା ପରେ ବଣିଶ ଘରୁ ଶ୍ରୀକୃଷ୍ଣଙ୍କ ପ୍ରତିମା ଆଣି ଶ୍ରୀଜଗନ୍ନାଥଙ୍କ ପାଖରେ ରଖି ଆଜ୍ଞା ମାଗି ନନ୍ଦିଘୋଷରେ ସ୍ଥାପନ କରାଯାଇଥିଲା । ରୁକ୍ମିଣୀ ସର୍ବଦା କୃଷ୍ଣଙ୍କ ହୃଦୟରେ ଅଧିଷ୍ଠିତା ହୋଇରହିଛନ୍ତି । ତେଣୁ ଏହି ଭାବନାରେ ବର୍ତ୍ତମାନ ମନୁଷ୍ୟ ବିଗ୍ରହ ଧାରଣ କରି କୃଷ୍ଣ ରୂପରେ ଜାତ ହୋଇଥିବାରୁ ଲକ୍ଷ୍ମୀ ରୁକ୍ମିଣୀ ରୂପରେ ଶ୍ରୀକୃଷ୍ଣଙ୍କ ପ୍ରାଣପ୍ରିୟା ପତ୍ନୀ ରୂପରେ ଜାତ ହୋଇଛନ୍ତି । ଶ୍ରୀମନ୍ଦିରରେ ପବିତ୍ର ଜ୍ୟେଷ୍ଠ ରୁକ୍ମିଣୀ ଜଣଣ ଏକାଦଶୀ ତିଥିରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ରୁକ୍ମିଣୀ (ଶ୍ରୀଦେବୀ)ଙ୍କ ବିବାହ ଉତ୍ସବ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି । ରୁକ୍ମିଣୀଙ୍କୁ ମହାଲକ୍ଷ୍ମୀଙ୍କ ଅବତାର ବୋଲି କୁହାଯାଏ । ଦ୍ୱାରକାର ନୃପତି ପ୍ରଭୁ ଶ୍ରୀକୃଷ୍ଣଙ୍କର ଷୋଳ ସହସ୍ର ଏକ ଶହ ରାଣୀଙ୍କ ସହିତ ରୁକ୍ମିଣୀ ଓ ସତ୍ୟଭାମା ଆଦି ଅଧିକା ଆଠ ପାଟରାଣୀ ଥିଲେ । ଦିବ୍ୟ ସୁନ୍ଦରୀ, ଗୁଣବତୀ ଓ ପବିତ୍ରତାର ପ୍ରତୀକ ଦେବୀ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କ ରୂପ, ଗୁଣରେ ଆକୃଷ୍ଟ ହୋଇ ତାଙ୍କୁ ବିବାହ ପାଇଁ ଅଭିଳାଷ ରଖିଥିଲେ ।ଶ୍ରୀକୃଷ୍ଣ ମଧ୍ୟ ଦେବୀ ରୁକ୍ମିଣୀଙ୍କ ପ୍ରତି ଆସକ୍ତ ଥିଲେ । ଏହି ତିଥିରେ ସକାଳ ଧୂପ ସମୟରେ ଦକ୍ଷିଣ ଘରେ ମଦନମୋହନଙ୍କ ବେଶ ଆରମ୍ଭ ହୁଏ । ପୂଜାପଣ୍ଡା ସେବକମାନେ ସକାଳ ଧୂପ ଶେଷ ହୋଇ ପାଣି ପଡ଼ିବା ପରେ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଶ୍ରୀଦେବୀଙ୍କୁ ପ୍ରଦାନ କରିଥିଲେ । ଏହାପରେ ମହାଜନ ସେବକ

ଶ୍ରୀଦେବୀଙ୍କୁ ନସ୍ତରେ ନେଇ ସାତ ପାହାଂଚ ନିକଟରେ ଥିବା ସୁସଜ୍ଜିତ ପାଲିଙ୍କିରେ ବିଜେ କରାଇଥିଲେ । ପାଲିଙ୍କିକୁ ଛାତ୍ରରେ ନେଇ ବିମାନବଡୁ ସେବକମାନେ ମହାଲକ୍ଷ୍ମୀଙ୍କ ମନ୍ଦିର ନିକଟରେ ରଖିଥିଲେ ।ସେଠାରୁ ଶ୍ରୀଦେବୀଙ୍କୁ ସେବକମାନେ ହାତରେ ବିଜେ କରାଇ ମହାଲକ୍ଷ୍ମୀଙ୍କ ମନ୍ଦିରର ଜଗମୋହନରେ ପଡ଼ିଥିବା ଖଟ ଶେଯ ଉପରେ ବିଜେ ପରେ ଉଣ୍ଡାର ମେକାପ ହେଉଥିବା ଅଳଙ୍କାର ଶ୍ରୀଦେବୀଙ୍କୁ ଅଳଙ୍କୃତ କରାଇବା ପୂର୍ବରୁ ତାଙ୍କୁ ଫଟୋଗ୍ରାଫରେ ମଧ୍ୟମୁନ, ମାଳଣ ଓ ବନଲାଗି କରାଯାଇଥିଲା । ଅଳଙ୍କାର ଅଳଙ୍କୃତ ହେବା ପରେ ମହାଲକ୍ଷ୍ମୀଙ୍କ ବିଶ୍ୱସ୍ତ ତଢାଲ ଜଣଣ ତାଳପତ୍ର ଓ ଲେଖନୀ ନେଇ ସେଠାରେ ପଙ୍ଗଂତିଥିଲେ । ଏହାପରେ ଲିଡରଛ ମହାପାତ୍ର ଭକ୍ତ ତାଳପତ୍ର ଓ ଲେଖନୀରୁ ଶ୍ରୀଦେବୀଙ୍କ ଶ୍ରୀହସ୍ତ ସ୍ପର୍ଶ କରାଇ ତଢାଲ ଜଣଣ ସେବକଙ୍କୁ ଦେଇଥିଲେ । ସେ ରୁକ୍ମିଣୀଙ୍କ ମନୋଭାବ ତାଳପତ୍ରରେ ଲେଖି ମହାପ୍ରଭୁଙ୍କ ନିକଟକୁ ପଠାଇବା ପରେ ବଣିଶ ଘରେ ମହାପ୍ରଭୁ ମଦନମୋହନଙ୍କ ବେଶ ଶେଷ ହେବା ପରେ ଉତ୍ସବିଙ୍ଗଙ୍କୁ ବିଜେ କରିଥିଲେ । ଏହାପରେ ଲିଡରେ ଆଲତ ଲାଗି ହୋଇ ଦ୍ୱାର ବନ୍ଦ ହୋଇଥିଲା । ଲିଡରଛ ମହାପାତ୍ର ତାଳପତ୍ରରେ ଲେଖାଥିବା ଚିଟାଭଟା ନେଇ ବଚନରେ ଶ୍ରୀଦେବୀଙ୍କ (ରୁକ୍ମିଣୀ) ଶ୍ରୀହସ୍ତ ମୁଦ୍ ଲଗାଯାଇଥିଲା । ତାହାପରେ ଜଣେ ସେବକ ପ୍ରତିନିଧି ରୂପେ ଚିଟାଭଟା ନେଇ ଘଂଟ, ଛତା ଓ କାହାଳୀ ସହ ଜୟ ବିଜୟ ଦ୍ୱାରପାଳରେ ଅପେକ୍ଷା କରିଥିବା ମଦନମୋହନଙ୍କ ବିଜେରେ ପଙ୍ଗଂତିବା ପରେ ପୁରାଣ ପଣ୍ଡା, ପୂଜା ପଣ୍ଡା ଓ ପାଲିଆ ଖୁଂଟିଆ ସେବାୟତମାନଙ୍କ ଉପସ୍ଥିତିରେ ବଚନିକାମନ ହୋଇଥିଲା । ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀ ମନ୍ଦିରରୁ ମାହାରାଣୀ(ଦାସୀଙ୍କୁ) ସାଙ୍ଗରେ ନେଇ ଗ୍ରାମ ଦେବତା ପୂଜା କରିବାକୁ କୁର୍ମଦେବୀସ୍ଥିତ ଦିମନା ମା'ଙ୍କ ମନ୍ଦିରରେ ପହଁଚିବା ପରେ ସେଠାରେ ପର୍ଯ୍ୟାତ୍ରା ଯୋଗଣିଆ ସେବକ ଯୋଗାଇଥିବା ସାମଗ୍ରୀମାନ ଦିମନାଙ୍କ ଶ୍ରୀଅଙ୍ଗରେ ଝର୍ଣ୍ଣ ହୋଇ ଲିଡରଛ ମହାପାତ୍ର ଦିମନାଙ୍କୁ ଗ୍ରାମଦେବତା ଭାବରେ ପୂଜାର୍ଚ୍ଚନା, ମହାସ୍ନାନ, ମାଳଣ ଓ ପ୍ରସାଦ ଲାଗି କରିଥିଲେ ।

ଗ୍ରାମଦେବତା(ଦିମନା)ଙ୍କ ପୂଜା ଶେଷ ହେବା ପରେ ଦିମନାଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ଦିଆଯାଇଥିଲା । ଶ୍ରୀଦେବୀ(ରୁକ୍ମିଣୀ) ଦିମନାଙ୍କ ପୂଜାର୍ଚ୍ଚନା ସାରି ବାହାରକୁ ଫେରିବା ବାଟରେ ସେଠାରେ ଆସରୁ ମଦନମୋହନ(ଶ୍ରୀକୃଷ୍ଣ) ଲୁଚି ଲାହିଆନ୍ତି ଓ ସେ ଶ୍ରୀଦେବୀ (ରୁକ୍ମିଣୀ)ଙ୍କୁ ହରଣ କରନ୍ତେ । ଏହି ଦିନ ଶ୍ରୀମନ୍ଦିରରେ ରୁକ୍ମିଣୀ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବାରୁ ଶ୍ରୀମଦନମୋହନ ଓ ଶ୍ରୀଦେବୀ ଜଳକ୍ରୀଡ଼ା ଉତ୍ସବକୁ ବିଜେ ନ ହୋଇ କେବଳ ଶ୍ରୀଦେବଗୋଡିକୁ ବିଜେ ହୁଅନ୍ତି । ଜଳକ୍ରୀଡ଼ା ଶେଷ ହୋଇଗଲା ପରେ ଶ୍ରୀମନ୍ଦିରେ ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଆରତି ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀଦେବୀଙ୍କ ଅର୍ଥାତ୍ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ଶ୍ରୀମନ୍ଦିର ବିବାହ ମଣ୍ଡପ(ମାଳଣା ମଣ୍ଡପ) ଖଟକୁ ବିଜେ ହୋଇ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଧୂପ ପୂଜା ସମୟରେ ଶ୍ରୀମନ୍ଦିରର ଏହି ବିବାହ ମଣ୍ଡପରେ ବିବାହ ଉତ୍ସବ ଆରମ୍ଭ ହୋଇ ବଦାପନା ଓ ତାମର ଆଲତ କରାଯିବା ପରେ ପ୍ରଭୁ ଓ ଦେବୀଙ୍କୁ ମହାତ୍ମାନ କରାଯାଇଥିଲା । ଏବଂ ଏହାପରେ ନୂଆ ଲୁଗା ଲାଗି କରାଯାଇ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଇଥିଲା ।ପତି ମହାପାତ୍ର, ପୂଜା ପଣ୍ଡା, ମୁଦିଗନ୍ତ ଓ ଲିଡରଛ ମହାପାତ୍ର ସେବାୟତମାନେ ବିବାହ ସାମଗ୍ରୀମାନ ଗ୍ରହଣ କରି ସଂକଳ୍ପ ବାକ୍ୟ ଅନୁସାରେ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ବିବାହ କାର୍ଯ୍ୟ ଶେଷ କରାଗଲା ପରେ ବିବାହ ମଣ୍ଡପରେ ବଦାପନା କରାଯାଇ ନନ୍ଦଦମ୍ପତି ଲଲୟଙ୍କୁ ଲିଡରଛ ଜନ୍ମ ସିଂହାସନକୁ ବିଜେ କରାଯାଇଥିଲା । ଏହା ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ପାଳିତ କରାଯାଇଥିଲା । ଶ୍ରୀମନ୍ଦିର ପରିସରରେ ବଦାନ୍ୟ ବ୍ୟକ୍ତିମାନଙ୍କଦ୍ୱାରା ଭକ୍ତମାନଙ୍କୁ ମହାପ୍ରସାଦ ସେବନ କରାଯାଇଥିଲା ।

ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ -୨୦୨୬ ପାଳିତ

ଖୋର୍ଦ୍ଧା, ୨୫/୦୬ (ଆ.ପ୍ର) : ଯୁବଶକ୍ତି ରାଷ୍ଟ୍ରର ପ୍ରଚଣ୍ଡ ଶକ୍ତି । ଯୁବ ଶକ୍ତି ସଚେତନ ହେଲେ ସମାଜ ଓ ରାଷ୍ଟ୍ରର ଦ୍ରୁତ ବିକାଶ ହେବ । ନିଶାମୁକ୍ତ ଭାରତ ଅଭିଯାନ ଏବଂ ବିକଶିତ ଭାରତର ସ୍ୱାଭିମାନ ସମ୍ଭବ ହେବ । ନିଶା ମୁକ୍ତ ଜୀବନ ଚଳନ କରିବା, ପରିବାରକୁ ସୁରକ୍ଷିତ ରଖିବା, ସୁସ୍ଥ ମନ, ସୁସ୍ଥ ଶରୀର , ସୁନ୍ଦର ଭବିଷ୍ୟତ ଗଢି ତୋଳିବା, ସମାଜକୁ ନିଶାମୁକ୍ତ କରିବା ଆଦି ଦିଗରେ ସୁଦୃଢ ଶକ୍ତି ଆଗକୁ ବଢ଼ିବେ ଏକ ସୁନ୍ଦର ବିକଶିତ ପରିବର୍ତ୍ତନଶୀଳ ଆମ ଖୋର୍ଦ୍ଧା ଜିଲ୍ଲା, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବାକୁ ଯୁବଶକ୍ତି ଓ ପ୍ରତ୍ୟେକ ନାଗରିକ ନିଜ ନିଜ ଭିତରେ ଜାଗରଣ ସୃଷ୍ଟି କରି ନିଜେ ବଦଳିବା ସହ ସମସ୍ତଙ୍କୁ ବଦଳାଇବାକୁ ଆଜି ପୂର୍ବାହ୍ନରେ ସ୍ଥାନୀୟ ସାଦେକୀ ପଡିଆଠାରେ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ -୨୦୨୬ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଜିଲ୍ଲାପାଳ, ଖୋର୍ଦ୍ଧା, ସଂଙ୍କଳ୍ପ ସୃଷ୍ଟିର ସାହୁ ସତୁଳ ପତାକା ଦେଖାଇ ଏକ ବିଶାଳ ଜନସଚେତନତା ରାଲିକୁ ଏବଂ ନିଶାମୁକ୍ତି ସଚେତନତା ରଥକୁ ଶୁଭାରମ୍ଭ କରି ଉପରୋକ୍ତ ବିଷୟ ଆହ୍ୱାନ ଦେଇଛନ୍ତି । ସାମାଜିକ ସୁରକ୍ଷା ଓ ଶିକ୍ଷାମ ସଶକ୍ତି କରଣ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଖୋର୍ଦ୍ଧା, ଜିଲ୍ଲାସ୍ଥ ହିଂସଲକ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ ସୁମିତ୍ରା ତ୍ରିପାଠୀ, ଖୋର୍ଦ୍ଧା, ସବର ବି ଡି ଓ, ଶିକ୍ଷାର୍ଥୀ ପଙ୍ଗମାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଖୋର୍ଦ୍ଧା, ରଞ୍ଜିତ କୁମାର ଦେବେଗୋ ଯୋଗ ଦେଇଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଏବଂ ଯୁବକ, ଯୁବତୀ, ମହିଳା, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ବହୁସଂଖ୍ୟାରେ ଯୋଗ ଦେଇଥିଲେ । ଏହି ବିଶାଳ ରାଲି ହାଦେନୀ ପଡ଼ିଆରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଂଚି ଥିଲା । ସେଠାରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ସଂଙ୍କଳ୍ପ ସୃଷ୍ଟିର ସାହୁ ସବିଶେଷ ଯୁବକ ଯୁବତୀ ନିଶାମୁକ୍ତ ଭାରତ ଅଭିଯାନରେ ଯୋଗ ଦେବା ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରି ସମାଜରେ ସବୁ ସ୍ତରର ଲୋକ ଓଡ଼ିଶାକୁ ତଥା ଖୋର୍ଦ୍ଧା ଜିଲ୍ଲାକୁ ନିଶାମୁକ୍ତ କରିବାପାଇଁ ଆହ୍ୱାନ ଦେଇ ଦେଶକୁ ନିଶାମୁକ୍ତ କରିବା ପାଇଁ ଶପଥ ପାଠ କରାଇଥିଲେ । ପରେ ବିଭିନ୍ନ ନିଶାମୁକ୍ତି ଅଭିଯାନରେ ଉଲ୍ଲେଖନୀୟ ସେବାପାଇଁ ସମ୍ମାନ ବ୍ୟକ୍ତିବିଶେଷଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ପରିଶେଷରେ ନିଶାମୁକ୍ତ ଉତ୍କର୍ଷମୟ ଭବିଷ୍ୟତ ଗଠନ ଉପରକ୍ଷେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ଏହି ଦିବସରେ ପୁରାତତ୍ତ୍ୱ ଭଗ୍ନାବଶେଷ ସଂଗ୍ରହାଳୟ ଖୋର୍ଦ୍ଧା ଜିଲ୍ଲାଗ୍ରୀ ଭଗ୍ନାବଶେଷ ବିଶ୍ୱବିଦ୍ୟାଳୟ ସଂସ୍ଥା, ଖୋର୍ଦ୍ଧା ଓ ଭୁବନେଶ୍ୱର ଶାଖା ସହ ଅନେକ ଅଶ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଯୋଗଦେବାଥିଲେ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।

ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ବରୀ ପଂଚାୟତରେ ଅନୁଷ୍ଠିତ

ବରୀ, ୨୫/୦୬ (ଆ.ପ୍ର) : ବରୀ ବ୍ଲକ୍ ଅନ୍ତର୍ଗତ ବରୀ ପଂଚାୟତରେ 'ବିକାଶର ଧାରା ଓଡ଼ିଶା ଶାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ସମ୍ପନ୍ନତାର ଦାବୀ ଲୋକଙ୍କ ପାଖରେ ପଞ୍ଚାଂଚାରୀ ମୁଖ୍ୟ ଉଦ୍ଦେଶ୍ୟ ବୋଲି ପଂଚାୟତ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ନାୟକ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ସରପଂଚ ସୋନାଲି ସିଂହ, ସମାଜସେବୀ ମନୋଜ କୁମାର ସିଂହ, ଯୁବ ସମାଜସ୍ପେ୍ର ପ୍ରକାଶ ମଲ୍ଲିକ,ଏଡିଓ ଜିତେନ୍ଦ୍ର ଧନଙ୍କ ସହିତ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଅଙ୍ଗନବାଡ଼ି କର୍ମୀ, ଅଶାକର୍ମୀ, ବ୍ୟାଙ୍କ ମିତ୍ର,ଏନ୍‌ଏମ୍ ଦିଦି ପ୍ରମୁଖ ଯୋଗ ଦେଇଥିଲେ । ପରି ଶେଷରେ ଅତିଥି ମାନେ ସ୍ୱୟଂ ସହାୟିକା ଗୋଷ୍ଠୀ ର ମହିଳା ମାନଙ୍କ ଦ୍ୱାରା ତିଆରି ଜିନିଷ ରେ ପ୍ରସ୍ତୁତ ଷ୍ଟଲ ମାନ ବୁଲି ଦେଖିଥିଲେ ।

ବାଲି ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

ଦଣ୍ଡପଲ୍ଲା, ୨୫/୦୬ (ଆ.ପ୍ର) : ବାଣିଗୋଛା ଥାନା ଅଂଚଳରେ ବେଆଇନ ଭାବି ବାଲାଣ ଉପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୋଲିସ ଏକ ବେଆଇନ ଭାବି ବୋଝେଇ ଟ୍ରାକ୍ଟର (ଓଡି ୨୫ ସି ୮ ୧୮୩)କୁ ଦେବଦିପ ଠାରୁ ଜବତ କରିଛି । ଏଥି ସହିତ ଘଟଣାରେ ଜଣକୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ମଡ଼ିକୁଣ୍ଡାର ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

"ବିକାଶର ଧାରା ଓଡ଼ିଶା ସାରା-୨୦୨୬'ର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ

ପାରଜାଙ୍ଗେମୁଣ୍ଡି, ୨୫/୦୬ (ଆ.ପ୍ର) : ପାରଜାଙ୍ଗେମୁଣ୍ଡି ସ୍ଥିତ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସର ରେ "ବିକାଶର ଧାରା ଓଡ଼ିଶା ସାରା-୨୦୨୬" କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ବୟାମୟ ପାଢ଼ୀ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭ ଆରମ୍ଭ କରିଥିଲେ । ପରେ ପାରଜାଙ୍ଗ ଅଙ୍ଗଣୀ ନୃତ୍ୟ ଅନୁଷ୍ଠାନ ଜିନିଷା କୁଡିପୁଡି ଏକାଡେମୀ, ଶ୍ରୀ ଜଗନ୍ନାଥ ଓଡିଶୀ କଳାକେନ୍ଦ୍ରର ସମ୍ବଲପୁରୀ ନୃତ୍ୟ, ସମଲେଇ ନୃତ୍ୟକଳା ପରିଷଦର ସମ୍ବଲପୁରୀ ନୃତ୍ୟ, ଭଲ୍ଲକ ବାଜାଶ୍ରମ ର ସମ୍ବଲପୁରୀ ନୃତ୍ୟ, ମିରାଳକ ଡାନ୍ସ ଷ୍ଟୁଡିଓ, ଏ.ଜେ କ୍ରାଉ, ଡ୍ରିମ୍ ଡାନ୍ସ ଷ୍ଟୁଡିଓର କଳାକାରଙ୍କ ଦ୍ୱାରା ଗଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ସାଂସ୍କୃତିକ ଅନୁଷ୍ଠାନର କଳାକାର ମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ କୁ ଅମୂଲ୍ୟ ପାଣିଗ୍ରାହୀ ଓ ରଶ୍ମିତା ସାମଲ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ସଚେତନ କରାଯାଇଛି । ସରକାରୀ ଯୋଜନା ରେ କିପରି ଅନ୍ତର୍ଭୁକ୍ତ ହେବେ ସେ ନେଇ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରି ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ ।

ନିଶାଦ୍ରବ୍ୟର ଅପବ୍ୟବହାର ଓ ଚୋରା ଚାଲାଣ ବିରୋଧରେ ସଚେତନତା

ଯାଜପୁର, ୨୫/୦୬ (ଆ.ପ୍ର) : ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ତଥା ଚୋରା ଚାଲାଣ ବିରୋଧରେ ସଚେତନତା ଦିବସ ପାଳନ କରାଯାଇଛି । ଏହି ଅବସରରେ ମାଂସାପୋଲ ନିକଟସ୍ଥ ଗାମ୍ଭି ନିକଟରୁ ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଏଁ ଏକ ସଚେତନତା ରାଲି କରାଯାଇଥିଲା । ଏଥିରେ ଚତୁ ସଂଖ୍ୟାରେ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅବକାରୀ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ । ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ସ୍ଲୋଗାନ ଏବଂ ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଛି । ଜିଲ୍ଲା ଅବକାରୀ ଅଧିକ୍ଷକ ଅଜୟ କୁମାର ଦେବେଜାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେପୁଟି ଅଧିକ୍ଷକ ଅନିତା ଓଝା, ଅବକାରୀ ଇନ୍‌ସପେକ୍ଟର ସମ୍ପିତା ହୋତା ଏବଂ ଅବକାରୀ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଧାମନଗରରେ ମହରମ ପର୍ବ ପାଳନ ଓ ଆଖାଡା ଖେଳ ପ୍ରଦର୍ଶନ : ଜୁଲୁସ ଶୋଭାଯାତ୍ରା

ଧାମନଗର, ୨୫/୦୬ (ଆ.ପ୍ର) : ପବିତ୍ର ମହରମ ମାସ ହେଉଛି ଇସଲାମିକ୍ କଦର୍ଣ୍ଣ ଏବଂ ଇଜରତ ଏମାମ ହୋସେନ ତଥା ଜସନେ-ଏ-ଯାଜେ-ହୋସେନଙ୍କ ସ୍ମୃତିକୁ ଉଜାଗରିତ ରଖିବା ଉଦ୍ଦେଶ୍ୟରେ ମହରମ ପର୍ବ ପାଳନ କରାଯାଇଛି । ଏହି ଅବସରରେ ଧାମନଗର ସହରାଞ୍ଚଳରେ ଜୁଲୁସ ଶୋଭାଯାତ୍ରା ଏବଂ ଆଖାଡା ଖେଳ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ତେବେ କେତେକ ସାଧିବଣ୍ଡି ଯଥା ଫକିର ସାହି, ଇଣ୍ଡାରୀ ସାହି, ଗାଁଡ଼ି ଜୁଲୁସ, କାଫଲା ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଖାନକା ସରିଫରେ ପଞ୍ଚଂଚି ଚାଦର ଚଢାଇ ପୀରବାବାଙ୍କୁ ଦର୍ଶନ ପରେ ନିଜ ନିଜର ଗାଁକୁ ଫେରି ଯାଇଥିଲେ । ସେହିପରି ବିଭିନ୍ନ ସାହି ବସ୍ତିରୁ ଆଉ ୧୨ଟି ଲର୍ଦ୍ଧ୍ୟ ଆଖାଡା ଦଳ ସେମାନେ ନିଜ ନିଜର ଖଲିଫା ଓ ଗାଁର ମୁଖ୍ୟଆଙ୍କ ନେତୃତ୍ୱରେ କରବଲା ମଇଦାନକୁ (ଝୁଣ୍ଡି)ବା ପରେ ବାଡ଼ି ଖେଳିବା ପାଇଁ ବଡ଼ ବଜାର ସ୍ଥିତ ଟ୍ରେଜର ଷ୍ଟାଣ୍ଡ ଏବଂ ସାନ ବଜାର ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଆଖଡା ଖେଳ ପ୍ରଦର୍ଶନ କରିଥିଲେ । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୨୭ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ-୨୦୨୬

ରାୟଗଡ଼ା, ୨୫/୦୬ (ଆ.ପ୍ର) : ରାୟଗଡ଼ା ଜିଲ୍ଲାରେ ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଦିବସ - ୨୦୨୬ ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ନବୀନ ଚନ୍ଦ୍ର ନାୟକ ନିଶା ମୁକ୍ତ ଭାରତ ଅଭିଯାନ ନିମନ୍ତେ ଏକ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ ଯାହା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସଂଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ଼ାରେ ସମାପ୍ତ ହୋଇଥିଲା । ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଏକୀକୃତ ବେଶ ଗୋଚୋଚା, ଅବକାରୀ ଅଧିକ୍ଷକ, ସନ୍ତୋଷ କୁମାର ଧଳସାମନ୍ତ, ଅବକାରୀ ନିରୀକ୍ଷକ, ବାଳକ ବିଶି, ଜମ୍ବୁପାଣି ସିଣ୍ଡୁ, ନେହେରୁ ଯୁବ କେନ୍ଦ୍ର ଅଧିକାରୀ, ଶି. କିଶୋର, ନିଶା ନିବାରଣ କେନ୍ଦ୍ର, କୁମ୍ଭୀତାଲପେଟାର କର୍ମକର୍ତା ସମସ୍ତେ ବ୍ୟାପକ ସଚେତନତା ସୃଷ୍ଟି କରିଥିଲେ । ଏହାପରେ ସଂଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ଼ାର ସଦସ୍ୟବୃନ୍ଦ ସଞ୍ଜିବନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଏକୀକୃତ ବେଶ ଗୋଚୋଚା, ଅବକାରୀ ଅଧିକ୍ଷକ, ସନ୍ତୋଷ କୁମାର ଧଳସାମନ୍ତ, ଅବକାରୀ ନିରୀକ୍ଷକ, ବାଳକ ବିଶି, ଜମ୍ବୁପାଣି ସିଣ୍ଡୁ, ନେହେରୁ ଯୁବ କେନ୍ଦ୍ର ଅଧିକାରୀ, ଶି. କିଶୋର, ନିଶା ନିବାରଣ କେନ୍ଦ୍ର, କୁମ୍ଭୀତାଲପେଟାର କର୍ମକର୍ତା ସମସ୍ତେ ବ୍ୟାପକ ସଚେତନତା ସୃଷ୍ଟି କରିଥିଲେ । ଏହାପରେ ସଂଚାୟତ ସମିତି କାର୍ଯ୍ୟାଳୟ, ରାୟଗଡ଼ାର ସଦସ୍ୟବୃନ୍ଦ ସଞ୍ଜିବନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଏକୀକୃତ ବେଶ ଗୋଚୋଚା, ଅବକାରୀ ଅଧିକ୍ଷକ, ସନ୍ତୋଷ କୁମାର ଧଳସାମନ୍ତ, ଅବକାରୀ ନିରୀକ୍ଷକ, ବାଳକ ବିଶି, ଜମ୍ବୁପାଣି ସିଣ୍ଡୁ, ନେହେରୁ ଯୁବ କେନ୍ଦ୍ର ଅଧିକାରୀ, ଶି. କିଶୋର, ନିଶା ନିବାରଣ କେନ୍ଦ୍ର, କୁମ୍ଭୀତାଲପେଟାର କର୍ମକର୍ତା ସମସ୍ତେ ବ୍ୟାପକ ଆଲୋଚନା କରିଥିଲେ ଯାହା ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ, ରାୟଗଡ଼ା, ଅବକାରୀ ବିଭାଗ, ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ, ରାୟଗଡ଼ା ର ଏନ.ସି. ସି ଛାତ୍ର ଛାତ୍ରୀ ଓ ନିଶା ନିବାରଣ କେନ୍ଦ୍ର, କୁମ୍ଭୀତାଲପେଟାର କର୍ମକର୍ତା ସମସ୍ତେ ବ୍ୟାପକ ଗଠନ ନିମନ୍ତେ ସଭିଏଁ ଶପଥ ପାଠ କରିଥିଲେ । ନିଶା କେବଳ ଶରୀରକୁ ନୁହେଁ ବରଂ ଆର୍ଥିକ କ୍ଷତି କରିବା ସହ ସମାଜରେ ଅପରାଧ ବୃଦ୍ଧି କରିଥାଏ, ଏଣୁ ଜନସାଧାରଣ ମୁଖ୍ୟତଃ ଯୁବ ସମାଜକୁ ନିଶା ଠାରୁ ଦୂରରେ ରହିବା ସହ ନିଜ ପରିବେଶର ନିଶାସକ୍ତଙ୍କୁ ସଚେତନ କରାଇବା ହିଁ ମୁଖ୍ୟ ଦାୟିତ୍ୱ ହେବା ଉଚିତ ବୋଲି ଅତିଥି ଗଣ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ, ନୀଳାଚଳ ମିଶ୍ର ମଂଚ ପରିଚାଳନା କରିବା ସହ ସାମାଜିକ ସୁରକ୍ଷା ବିଭାଗର କର୍ମକର୍ତା ଓ ଅବକାରୀ ବିଭାଗର କର୍ମକର୍ତା ମାନେ ଏହି କାର୍ଯ୍ୟକ୍ରମକୁ ସୂତାରୁ ରୂପେ ତୁଲାଇ ଥିଲେ ।

ଇସ୍ପାତ ଜେନେରାଲ ହସପିଟାଲର ଡାକ୍ତରମାନେ ଦୁଇ ମାସରୁ ଅଧିକ ସମୟ ଧରି କୋମାରେ ରହିଥିବା ୫୨ ବର୍ଷୀୟ ରୋଗୀକୁ ସୁସ୍ଥ କଲେ

ରାଉରକେଲା, ୨୫/୦୬ (ଆ.ପ୍ର) : ରାଉରକେଲାସ୍ଥିତ ଇସ୍ପାତ ଜେନେରାଲ ହସପିଟାଲର ଡାକ୍ତରମାନେ ଦୁଇ ମାସରୁ ଅଧିକ ସମୟ ଧରି କୋମାରେ ରହିଥିବା ୫୨ ବର୍ଷୀୟ ଏକ ରୋଗୀକୁ ସଫଳତାର ସହ ସୁସ୍ଥ କରିଛନ୍ତି । ଗୋବିନ୍ଦ ଲାଲ୍ରା ୨୦୨୬ ମସିହା ଏପ୍ରିଲ ୧୬ ତାରିଖରେ ଏକ ଦୁର୍ଘଟଣାରେ ମୁଣ୍ଡରେ ଗମ୍ଭୀର ଆଘାତ ପାଇଥିଲେ । ତାଙ୍କୁ ଗମ୍ଭୀର କୋମା ଓ ଗମ୍ଭୀର ଶ୍ୱାସକଷ୍ଟ ଅବସ୍ଥା ସହିତ ଆଜ ଜି ଏବ କୁ ଆଣାଯାଇଥିଲା । ଜରୁରୀକାଳୀନ ଭିତିରେ କରାଯାଇଥିବା ମସ୍ତିଷ୍କର ଏମ ଆର ଆଜ ପରୀକ୍ଷାରେ ଶ୍ରୀ ଲାଲ୍ରାଙ୍କ ଡାହାଣ ପଟ ଫ୍ରଂଟୋ-ଟେମ୍ପୋରାଲ ଅଂଚଳରେ ଏକ ହାଇପରଏକ୍ୟୁଟ ଏକ୍ସଟ୍ରାଡ୍ୟୁରାଲ ହେମେରେଜ୍ (ଗମ୍ଭୀର ରକ୍ତସ୍ରାବ) ଚିହ୍ନଟ ହୋଇଥିଲା, ଯାହା ଏକ ବିପଦଜନକ ସ୍ଥିତି ହେବା ସହ ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ କରୁଥିଲା । ରୋଗୀଙ୍କୁ ଶ୍ରୀଶ୍ରୀ ଜେଂଟିଲେଟର ସହାୟତାରେ ରକ୍ଷାଯାଇ, ନ୍ୟୁରୋସର୍ଜରୀ ଡ ବରିଷ୍ଠ ବିଶେଷଜ୍ଞ ଡାକ୍ତର ମନୋଜ କୁମାର ଦେଓଙ୍କ ଦ୍ୱାରା ଏକ ଜରୁରୀକାଳୀନ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିଲା । ଏହି ଗମ୍ଭୀର ଅସ୍ତ୍ରୋପଚାର ସମୟରେ ଆନେସଥେସିଆରେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସାଗୁଲ୍ଲା ପାଣିଗ୍ରାହୀ, ଆନେସଥେସିଆ ସେବା ପ୍ରଦାନ କରିଥିଲେ, ଅନ୍ୟ ପକ୍ଷରେ ନର୍ସିଂ ଅଫିସର କମଳାକର ଅସ୍ତ୍ରୋପଚାର ସମୟରେ ସହାୟତା କରିଥିଲେ । ସଫଳ ଅସ୍ତ୍ରୋପଚାର ପରେ, ରୋଗୀଙ୍କୁ ସୁସ୍ଥୀ ଶିନି ଜର୍ଜ ଓ ଆଇସିୟୁ ଟିମ୍ର ତତ୍ତ୍ୱାବଧାନରେ ଆଇସିୟୁରେ ଚାରୁ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା । ପରେ ତାଙ୍କୁ ଧୀରେ ଧୀରେ ଜେଂଟିଲେଟରରୁ ମୁକ୍ତ କରାଯାଇ, ଶ୍ୱାସ ପ୍ରଶ୍ୱାସରେ ସହାୟତା ପାଇଁ ଏକ ଅସ୍ଥାୟୀ ଟ୍ରାକିଓଷ୍ଟୋମି କରାଯାଇଥିଲା ଏବଂ ପରେ ଅନ୍ୟ ଚିକିତ୍ସା ପାଇଁ ଝାଡ଼ିକୁ ସ୍ଥାନାନ୍ତର କରାଯାଇଥିଲା । ପ୍ରାୟ ଦୁଇ ମାସର ନିରବଚ୍ଛିନ୍ନ ଚିକିତ୍ସା ସେବା, ନର୍ସିଂ ସହାୟତା ଏବଂ ପୁନର୍ବାସ ପରେ, ରୋଗୀ ଧୀରେ ଧୀରେ ଚେତନା ଫେରି ପାରିଲେ ଏବଂ ସରଳ ନିର୍ଦ୍ଦେଶଗୁଡ଼ିକର ପ୍ରତ୍ୟୁତ୍ତର ଦେବା ଆରମ୍ଭ କଲେ । ସେ ମୁହଁରେ ଖାଦ୍ୟ ଗ୍ରହଣ ପୁନଃ ଆରମ୍ଭ କରେ ଏବଂ ଫିଜିଓଥେରାପି ଟ୍ୟୁବ ମଧ୍ୟ ସମ୍ପୂର୍ଣ୍ଣରୂପେ ବନ୍ଦ କରାଯାଇଥିଲା । ଏହି ସମୟରେ ରୋଗୀ ସେବା ମାଧ୍ୟମରେ ଗୁଣାତ୍ମକ ତୃତୀୟ ସ୍ତରୀୟ (ଟର୍ସିଆରୀ) ସ୍ୱାସ୍ଥ୍ୟ ସେବା ପ୍ରଦାନ ତଥା ଜୀବନ ରକ୍ଷା ପ୍ରତି ଆଜ ଜି ଏବ ର ପ୍ରତିବଦ୍ଧତାର ଏକ ଆଉ ଏକ ଉଦାହରଣ ସୃଷ୍ଟି କରିଛି ।

ତାଙ୍କ ଗଭୀରତା ଓ କାର୍ଯ୍ୟକ୍ଷମତାର ଉତ୍କୃଷ୍ଟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ବର୍ତ୍ତମାନ, ଶ୍ରୀ ଲାଲ୍ରା ସଚେତ ଅବସ୍ଥାରେ ଅଛନ୍ତି, ସରଳ ନିର୍ଦ୍ଦେଶ ପାଳନ କରିପାରୁଛନ୍ତି, ମୁହଁରେ ଖାଦ୍ୟ ଗ୍ରହଣ କରୁଛନ୍ତି ଏବଂ ସହାୟତା ସହିତ ଚାଲି ମଧ୍ୟ ପାରୁଛନ୍ତି । ଏହି ଆହ୍ୱାନ ମୂଳକ ସମସ୍ୟା ର ସଫଳ ଚିକିତ୍ସାକୁ ଇସ୍ପାତ ଜେନେରାଲ ହସପିଟାଲର ଡାକ୍ତର, ନର୍ସ, ଫିଜିଓଥେରାପିଷ୍ଟ ଏବଂ ସହାୟକ କର୍ମଚାରୀଙ୍କ ଦକ୍ଷତା, ଦୃଢ଼ତ୍ୱ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ସମନ୍ୱିତ ବହୁବିଭାଗୀୟ ଆଭିମୁଖ୍ୟକୁ ଉଜାଗର କରେ । ଏହି ମାମଲା ସମସ୍ୟାଟିକ ହସ୍ତକ୍ଷେପ ଓ ନିଷ୍ଠାପର ରୋଗୀ ସେବା ମାଧ୍ୟମରେ ଗୁଣାତ୍ମକ ତୃତୀୟ ସ୍ତରୀୟ (ଟର୍ସିଆରୀ) ସ୍ୱାସ୍ଥ୍ୟ ସେବା ପ୍ରଦାନ ତଥା ଜୀବନ ରକ୍ଷା ପ୍ରତି ଆଜ ଜି ଏବ ର ପ୍ରତିବଦ୍ଧତାର ଏକ ଆଉ ଏକ ଉଦାହରଣ ସୃଷ୍ଟି କରିଛି ।

ହାତୀ ଉପଦ୍ରବକୁ ନେଇ ବନ କର୍ମଚାରୀଙ୍କ ଅବହେଳା ଅଭିଯୋଗରେ ଗ୍ରାମବାସୀଙ୍କ ଥାନାରେ ଏତଲା

ଜି.ଉଦୟଗିରି, ୨୫/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ସାଳାଡ଼ି ଗ୍ରାମରେ ଜଙ୍ଗଲି ହାତୀଙ୍କ ଉପଦ୍ରବ ଲଗାତାର ଜାରି ରହିଥିବା ବେଳେ ବନ ବିଭାଗର କାର୍ଯ୍ୟ ପ୍ରଣାଳୀକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଦୀର୍ଘଦିନ ଧରି ଗ୍ରାମ ନିକଟସ୍ଥ ଜଙ୍ଗଲରେ ହାତୀପଲ ବିଚରଣ କରୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ପ୍ରତିରୋଧ ମୂଳକ ପ୍ରଭାବୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ । କିଛି ମାସ ପୂର୍ବରୁ ଜଙ୍ଗଲି ହାତୀ ଆକ୍ରମଣରେ ଆଂଚଳର ୫ ଜଣ ଅଦିବାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଘର ଓ ଚାଷ ଜମି ବ୍ୟାପକ କ୍ଷତି ହୋଇଥିଲା । ଏହା ପରେ ମଧ୍ୟ ସ୍ଥାୟୀ ପଦକ୍ଷେପ ନିଆଯାଇନଥିବାରୁ ଲୋକମାନେ ଭୟ ଓ ଅନିଶ୍ଚିତତା ମଧ୍ୟରେ ଜୀବନ ଦିବାଲାନ୍ତି ବୋଲି ସେମାନେ କହିଛନ୍ତି । ସାଳାଡ଼ି ଗ୍ରାମରେ ହାତୀ ଆକ୍ରମଣରେ ଏକ ମଠ ଘର ସମ୍ପୂର୍ଣ୍ଣ ଧ୍ୱଂସ ହେବା ସହ ଅନେକ ଘର ଏବଂ ଫସଲ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ବନବିଭାଗ କୌଣସି ପାଟ୍ରୋଲିଂ, ସତର୍କତା ବାର୍ତା କିମ୍ବା ହାତୀ ଘରଡ଼ାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଉନାହାନ୍ତି । ବନ ବିଭାଗର ଏଭଳି ନିଷ୍କ୍ରିୟତା କାରଣରୁ ଆମ ଜୀବନ ଓ ସମ୍ପତ୍ତି ସର୍ବଦା ବିପଦ ମଧ୍ୟରେ ରହିଛି । ଘଟଣା ଘଟିବା ପରେ ପରେ ମଧ୍ୟ କୌଣସି ବନ ବିଭାଗ ଅଧିକାରୀ କି କର୍ମଚାରୀ ଘଟଣାସ୍ଥଳକୁ ଆସି ତଦନ୍ତ କରିନାହାନ୍ତି, ଯାହା ସେମାନଙ୍କର ଅବହେଳାକୁ ପ୍ରମାଣିତ କରୁଛି । ମଠ ପରିଚାଳକ ସଚିନ୍ଦ୍ର ପ୍ରଧାନ, ଅଶୋକ ମଲ୍ଲିକ, ବୁଲା ପ୍ରଧାନ , ରବୀ ନାୟକ, ଅଶୋକ ନାୟକ, ହେମନ୍ତ ପ୍ରଧାନ ରାଜେଶ୍ୱ ପ୍ରଧାନ, ପିଂଗୋଳ ପ୍ରଧାନ, ଅନିଲ ମାଲିକ, ସୁରେନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟ ଅନ୍ୟ ଗ୍ରାମବାସୀ ସ୍ଥାନୀୟ ଥାନାରେ ବନାଂଚଳ ଅଧିକାରୀ ମାଣିକେଶ୍ୱର ପଟ୍ଟନାୟକ, ଗଂରେଷ୍ଟର ପ୍ରଶାନ୍ତ କୁମାର ସାହୁ, ଫରେଷ୍ଟ ଗାର୍ଡ ମନୋଜ କୁମାର ମହାପାତ୍ର ଓ କର୍ମଚାରୀ ଙ୍କ ବିରୁଦ୍ଧରେ ପୃଥକ୍ ପୃଥକ୍ ଏତଲା ଦାଖଲ କରିଛନ୍ତି । ସେହିପରି

କରାଇଥିଲେ ମଧ୍ୟ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାଯାଇନଥିଲା । ଏହି ଘଟଣାକୁ ନେଇ ସଚିନ୍ଦ୍ର ପ୍ରଧାନ, ଅଶୋକ ମଲ୍ଲିକ, ବୁଲା ପ୍ରଧାନ , ରବୀ ନାୟକ, ଅଶୋକ ନାୟକ, ହେମନ୍ତ ପ୍ରଧାନ ରାଜେଶ୍ୱ ପ୍ରଧାନ, ପିଂଗୋଳ ପ୍ରଧାନ, ଅନିଲ ମାଲିକ, ସୁରେନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟ ଅନ୍ୟ ଗ୍ରାମବାସୀ ସ୍ଥାନୀୟ ଥାନାରେ ବନାଂଚଳ ଅଧିକାରୀ ମାଣିକେଶ୍ୱର ପଟ୍ଟନାୟକ, ଗଂରେଷ୍ଟର ପ୍ରଶାନ୍ତ କୁମାର ସାହୁ, ଫରେଷ୍ଟ ଗାର୍ଡ ମନୋଜ କୁମାର ମହାପାତ୍ର ଓ କର୍ମଚାରୀ ଙ୍କ ବିରୁଦ୍ଧରେ ପୃଥକ୍ ପୃଥକ୍ ଏତଲା ଦାଖଲ କରିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ), କନ୍ଧମାଳ ଜିଲ୍ଲାପାଳ, ଡିଏଫଓ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ମଧ୍ୟ ଲିଖିତ ଅଭିଯୋଗ ପଠାଇଥିବା ଜଣାପଡ଼ିଛି । ଗ୍ରାମବାସୀମାନେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କଠୋର ପ୍ରଶାସନିକ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହାସହ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଓ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ନିବେଦନ କରିଛନ୍ତି । ଏହି ଘଟଣାକୁ ନେଇ ବନ ବିଭାଗର ପକ୍ଷରୁ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିପାରିନାହିଁ ।

କୋଠଭୁଇଁ ଅଂଚଳରେ ହାତୀ ଉପଦ୍ରବ : ଗ୍ରାମବାସୀ ଆତଙ୍କିତ ଚାଷୀମାନଙ୍କର ଜୀବନ ଜୀବିକା ବିପନ୍ନ, ବନ ବିଭାଗ ନୀରବ

ଅନୁଗୁଳ, ୨୫/୦୬ (ଆ.ପ୍ର) : ସାତକୋଶିଆ ଅଭୟାରଣ୍ୟର ବଫର ଏରିଆ କୋଠଭୁଇଁ ଅଂଚଳରେ ଦଳ ଦଳ ହାତୀ ଦ୍ୟାପକ ଧନ କ୍ଷୟତି ନଷ୍ଟ କରୁଥିବା ଉପରେବର କାରଣ ହୋଇଛି । ହାତୀ ଦଳରେ ପ୍ରାୟଃ ୫୫ରୁ ଅଧିକ ହାତୀ ଥିବାର ଜଣା ଯାଇଅଛି । କୋଠଭୁଇଁ ଆଖପାଖ ଗାଁ ତେଣ୍ଟୁଳିପଥର, ଲଙ୍ଗମୁଣ୍ଡା, ଓଲାବେରୀ, ସଂକ୍ରିତା, କମୁରୀ, ଲୋକାସିଂହା ଗ୍ରାମ ଆଖପାଖ ଜଙ୍ଗଲରେ ହାତୀଦଳ ଉହି ଆମ, ପଣସ ଓ ପନିପରିବା ଫସଲ ନଷ୍ଟ କରିବାର ଜଣା ଯାଇଅଛି । ହାତୀଦଳକୁ ଦେଖି ଗାଁ ଗାଁରେ ଚାଟି କଟାଟ ପଡ଼ିବା ସହିତ ଆଂଚଳରେ ଆତଙ୍କ ସୃଷ୍ଟି ହୋଇଛି । ସ୍କୁଲ ଖୋଲିବା ପରେ ଛାତ୍ର ଛାତ୍ରୀ ସ୍କୁଲକୁ ଯିବା ସମ୍ଭବ ହେଉନାହିଁ । ବନ ବିଭାଗ କର୍ମଚାରୀ ଓ ସ୍ୱାର୍ତ୍ତବନ ରାସ୍ତାରେ ଚାଲିବାକିଆ ଯାଇବେ ପଇଁତରା ମାରୁଥିବା ବେଳେ ହାତୀଦଳକୁ ଜଙ୍ଗଲରୁ ଗଭଡ଼ାଇବାରେ ବିଫଳ ହୋଇଛନ୍ତି । ଶହ ଶହ ସଂଖ୍ୟାରେ ଆମ ପଣସ ଗଛ ହାତୀଦଳ ସମ୍ପୂର୍ଣ୍ଣ ନଷ୍ଟ କରିଥିବା ଏବଂ ବ୍ୟାପକ ପରିମାଣର ପନିପରିବା ଫସଲ ନଷ୍ଟ କରିଥିବା ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ସାତକୋଶିଆ ଅଭୟାରଣ୍ୟରେ ହାତୀମାନଙ୍କର ଖାଦ୍ୟ ଶାଳୀୟ ବାଉଁଶ ଓ ଅନ୍ୟାନ୍ୟ ଢାଳ ପତ୍ର ଫଳମୂଳ ଆଦିରେ ନଥିବାରୁ ହାତୀଦଳ ଗାଁ ପାଖ ଆମ

ପଣସ ଗୋଟା ଏବଂ ପନିପରିବା ଫସଲ କ୍ଷେତରେ ଆଣ୍ଠୁ ଜମାଇଛନ୍ତି । ଆମ ପଣସ ଓ ପନିପରିବା ନଷ୍ଟ କରିବା ସହିତ ଗଛ ସବୁ ଉପାଡ଼ି ଦେଉଥିବା ଘଟଣାରେ ଚାଷୀଙ୍କୁ ବଡ଼ର ସର୍ବନାଶ ହେଉଥିବା ନେଇ ଖୋଭ ପ୍ରକାଶ ପାଇଛି । ଅନ୍ୟ ପକ୍ଷରେ ଦିନିକୁ ସମୟରେ ଚାଷୀ କ୍ଷତିପୂରଣ ପାଇଁ ଅନଲାଇନରେ ଆବେଦନ କରିଥିଲେ ସୁଦ୍ଧା ଉପଯୁକ୍ତ କ୍ଷତିପୂରଣ ମିଳୁ ନଥିବା ନେଇ ଅସନ୍ତୋଷ ରହିଅଛି । ଗାଁ ଗାଁରେ ବନ ବିଭାଗ ପକ୍ଷରୁ ହାତୀ ସାଥୀ, ସ୍ୱାର୍ତ୍ତ, ଗଜବନ୍ଧୁ ନିୟୋଜନ କାଗଜପତ୍ରରେ ସୀମିତ ହୋଇଛି । ଏ ଗଜୁ ଅସ୍ଥାୟୀ ନିଯୁକ୍ତି ଓ ନିୟୋଜନରେ ବ୍ୟାପକ ଜାଲିଆତି, ପ୍ରୀୟପ୍ରିତିପୋଷଣ ଓ ବାମ୍ମୀରାଣ ହେଉଛି । ସାତକୋଶିଆ ଅଭୟାରଣ୍ୟରେ ହାତୀମାନଙ୍କ ଖାଦ୍ୟ ପାଇଁ ଚାରଣଭୂମି ଓ ଘାସ ଚାଷ ନେଇ ପ୍ରକୃତିର ଜଙ୍ଗଲ ନଷ୍ଟ କରାଯାଇଥିବାରୁ ହାତୀମାନେ ଅଭୟାରଣ୍ୟରେ ରହୁ ନଥିବା ଜଣା ଯାଇଅଛି । ଏପରିକି ଶହ ଶହ କିଲୋମିଟର ଗ୍ରେଟ୍ ଖୋଜା, ସୋଲାଲ ତାଳବାଡ଼ ଯୋଗୁଁ ହାତୀ ସାରାଦେଶିଆରେ ଜଣୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବନ ବିଭାଗର କାର୍ଯ୍ୟଧାରାରେ ଗ୍ରାମବାସୀ ଅତିଷ୍ଠ ହୁଥାବେଳେ ଗତିରେ ବନ ବିଭାଗ ନିର୍ଦ୍ଦେଶରେ ବିଦ୍ୟୁତ୍ ଜାଟ ଘଟଣା ଅଂଚଳବାସୀଙ୍କୁ ମର୍ମାହତ କରିଛି । ଅନ୍ଧାର ଶରତିରେ ବିଦ୍ୟୁତ୍ ଜାଟ ଯୋଗୁଁ ଚାଷୀଙ୍କର ଚାଷ ବାସ ଓ ପିଲାମାନଙ୍କ ପାଠପଢ଼ା ବାଧାନ ସୃଷ୍ଟି ହୋଇଅଛି । ହାତୀମାନଙ୍କର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ବନ ବିଭାଗ ବିଫଳ ହୋଇଥିବା ନେଇ ଅଂଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଂଚଳବାସୀଙ୍କର ଏକମାତ୍ର ଜୀବନଜୀବିକାର ଉତ୍ସ ହେଉଛି ଧାନଚାଷ ଏବଂ କନ୍ଦମୂଳ ଓ ଅନ୍ୟାନ୍ୟ ପନିପରିବା ସହିତ ପଜବରିତା । ହାତୀ ଏବଂ ବନ୍ୟଜନ୍ତୁଙ୍କ ଦାରୁଣ ଚାଷୀଙ୍କର ଫସଲ ସୁରକ୍ଷା ଏକାନ୍ତ ଜରୁରୀ ଥିବା ବେଳେ ବନ ବିଭାଗର କୌଣସି ଠୋସ ପଦକ୍ଷେପ ନଥିବା ନେଇ ଚାଷୀ ଆତଙ୍କିତ । ଅନ୍ୟ ପକ୍ଷରେ କୋଠଭୁଇଁ ନିକଟତମ ଫାଗୟତ ଚାଲିସି ଓ ଅନୁଗିଥରେ ମଧ୍ୟ ହାତୀ ଉପଦ୍ରବ ନେଇ ଏକ ଗଣ ଆନ୍ଦୋଳନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ଖୋଦ୍ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ପ୍ରତିଟି ଚିତ୍ରରେ ରହିଛି ଅନୁଭୂତି, କାହାଣୀ ଆଉ ସଫଳତା

ଚିତ୍ରିତି, ୨୫/୦୬ (ଆ.ପ୍ର) : ପିଲାଟି ଦିନରୁ ତାଙ୍କର ଚିତ୍ରକଳା ପ୍ରତି ରୁଚି ରହିଥିଲା.ଥରେ ତାଙ୍କ ଘାଁ ନିଜଟ ଏକ ସ୍କୁଲରେ ଆୟୋଜିତ ହେଉଥିବା ଚିତ୍ରକଳା ପ୍ରତିଯୋଗିତା ରେ ସେ ଭାଗନେବାକୁ ଚାହିଁଥିଲେ. ମାତ୍ର ସେଦିନ ତାଙ୍କୁ ସେଠାରେ ସୁଯୋଗ ମିଳିନଥିଲା. କିନ୍ତୁ ସମୟ ତାଙ୍କୁ ଜଣେ ଚିତ୍ରଶିଳ୍ପୀ ଭାବେ ପରିଚୟ ଦେଇଥିଲା. ସେ ଦେଇଲେ ବିସ୍ମୟ ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡା,ପିଲାଟି ଦିନରୁ ତାଙ୍କ ମମା ତାଙ୍କ ନାମକରଣ କରିଥିଲେ କ୍ରିତିକ୍ରିଷ୍ଣା, ଆଜ ସେହି ନାମରୁ ସେ ସାର୍ଥକ କଲେ । ଲୁଣିଆ ଗୁଳିକାଣ୍ଡ ରେ ସଂକ୍ରାମୀ ପରିବାରରେ ଉତରବାୟାଦ ଭାବେ ସେ ବେଶ ଭଲାଶୁଣା । ମାତା ଦିନକଟା ମିଶ୍ର ଜଣେ ଶାଖା ବାଳ ଅଧିକାରିଣୀ, ପିତା ସ୍ନେହାଶିଷ ପଣ୍ଡା ଜଣେ ଆକନୀଜୀବି, ଭଉଣୀ ରାତିକ୍ରୀଷ୍ଣା ପଣ୍ଡା ଜଣେ ଡକ୍ଟର ମେଧାବୀ ଛାତ୍ରୀ । ଘର ଭତ୍ତର କ୍ରିଲ୍ଲା ଧାମନଗର ବ୍ଲକ ଜଟସଣ୍ଡି ସଦିବନଗର (ଲୁଣିଆ)ସ୍ଥିତ ଡଉଜନାଳି ଶାସନରେ । ସେ କୁହନ୍ତି ' ପିଲାଟିବିନରୁ ଚିତ୍ର ଅଙ୍କନ ପ୍ରତି ମୋର ରୁଚି ରହିଥିଲା । ସରସ୍ୱତୀ ଶିଶୁମନ୍ଦିର ରେ ପାଠ ପଢୁଥାଏ, ଥରେ ନିକଟସ୍ଥ ଏକ ଅନୁଷ୍ଠାନରେ ଚିତ୍ରକଳା ପ୍ରତିଯୋଗିତା ରେ ଭାଗ ନେବାପାଇଁ ମୋ ନାମ ଦେଇଥିଲି, ମାତ୍ର ମୋତେ ସେହି ପ୍ରତିଯୋଗିତାରେ ଭାଗନେବାକୁ ମ

ଦୈନିକ
ଆରମ୍ଭ
SEITHO ARAMBHA
ଶନିବାର, ୨୭ ଜୁନ୍, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୮

ଭାରତକୁ ୩୪ ରନରେ ପରାସ୍ତ କଲା ଆୟାର୍ଲାଣ୍ଡ

ନୂଆଦିଲ୍ଲୀ, ୨୫/୬(ନ୍ୟୁ.ଏ): ଟିମ୍ ଇଣ୍ଡିଆର ବଡ଼ ପରାଜୟ । ପ୍ରଥମଥର ଆୟାର୍ଲାଣ୍ଡରୁ ଟି-୨୦ରେ ଘରିଲା ଭାରତ । ୧୮୩ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ୧୪୮ ରନରେ ଅଲଆଉଟ୍ ହୋଇଛି ଶ୍ରେୟସ ବାହିନୀ । ୩୪ ରନରେ ପରାଜୟ ବରଣ କରିଥିବାବେଳେ ପ୍ରଥମ ଟି-୨୦ ଦିଫର ହୋଇଛନ୍ତି ବ୍ୟାଟ୍ସମାନ୍ । ଦୁଇ ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ପ୍ରଥମ ମୁକାବିଲା ସ୍ପାନିସ ସିରିଜ ସର୍ଭିସ ଜ୍ରିଜେଟ୍ କ୍ଲବରେ ଖେଳାଯାଇଛି । ଏହି ମ୍ୟାଚରେ ଭାରତ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଘରୋଇ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ଟିମ୍ ଇଣ୍ଡିଆ । ଆୟାର୍ଲାଣ୍ଡ ପାଇଁ ଅଧିନାୟକ ଲୋର୍କନ ଟକର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୩୬ଟି ବଲ୍ ଖେଳି ଥିଲେ ଏବଂ ୫ଟି ଚୌକା ଓ ୨ଟି ଛକା ବଳରେ ୫୦ ରନ୍ କରିଥିଲେ । ଆୟାର୍ଲାଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା । ଦଳ ୫୧ ରନ୍ ବେଳକୁ ଆଗଉଡ଼ିବାର ୪ଜଣ ଖେଳାଳିଙ୍କୁ ହରାଇ ସାରିଥିଲା । ଷ୍ଟାର ୨୦ ରନ୍ରେ ପ୍ରାରମ୍ଭିକ ବ୍ୟାଟର ଟିମ୍ ଟେକଟର ଏବଂ ରସ ଆଡାଇର ଆଉଟ୍ ହୋଇଥିଲେ । ଉଭୟ ବ୍ୟାଟର ଯଥାକ୍ରମେ ୧୭ ଏବଂ ୧୨ ରନ୍ କରିଥିଲେ । ଭାରତର ତୃତୀୟ ଶିକାର ହୋଇଥିଲେ ଟିମ ଟେକଟର, ଯିଏ କି ଖାତା ଖୋଲିପାରି ନଥିଲେ । ଆୟାର୍ଲାଣ୍ଡ ନିଜର ଚତୁର୍ଥ ୱିକେଟ ଭାବେ କେପ୍ଟାମିନ୍ କଳିଟ୍ (୧୫ରନ୍)କୁ ହରାଇଥିଲା । ସେହିପରି ଲୋର୍କାନ ଟକର ଅର୍ଦ୍ଧଶତକ ଏବଂ ଜର୍ଜ ଡକରେଲ୍ ବ୍ୟକ୍ତିଗତ ଭାବେ ୧୯ ରନ୍ କରି ପାଭିଲିନ ଫେରି ଆସିଥିଲେ । ଆୟର୍ଲାଣ୍ଡ ଫଂଟମ ଏବଂ ଷଷ୍ଠ ୱିକେଟ୍ରେ ଯଥାକ୍ରମେ ୬୪ ଏବଂ ୪୯ ରନ୍ ସଂଗ୍ରହ କରିଥିଲା । ଭାରତର ସପ୍ତମ ଶିକାର ହୋଇଥିଲେ ଗରେଥ ଡେଲାନି, ଯିଏକି ବ୍ୟକ୍ତିଗତ ଭାବେ ଦଳ ପାଇଁ ୪୯ ରନ୍ ଯୋଗଦାନ ଦେଇଥିଲେ । ସେ ୩୨ଟି ବଲ୍ ଖେଳି ୨ଟି ଚେ୨କା ଏବଂ ଗୋଟିଏ ଛକା ମାରିଥିଲେ । ଜିଆମ ମାଲକାର୍ଥି ୨ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ । ଭାରତୀୟ ଯୁବ ବୋଲର ହର୍ଷିତ ରାଣା ଭାରତ ପକ୍ଷରୁ ୩ଟି ୱିକେଟ୍ ନେଇଛନ୍ତି । ରୋପାଲ ଓ ଡ୍ରୋଣ୍ଣ ପଦକ ଜିତିଥିବ ବାରନିକା ଏଲନଗୋଲାନ (୪.୨୦ ମିଟର), ନିତିକା ଅକାରେ (୪.୧୦ ମିଟର) ଏଶୀୟ କ୍ରୀଡ଼ା ଟିକେଟ୍ ହାସଲ କରିଛନ୍ତି । ପୁରୁଷ ହାଫ୍ ମାରାଥନରେ ଡାମିନାଦୁର ସେରାଜିନ (୧:୩୧:୪୯.୦୦) ସ୍ୱର୍ଣ୍ଣ ଜିତିଥିଲେ । ପୁରୁଷ ଡିସ୍କସ ଥ୍ରୋରେ ଜିରପାଲ ସା(୫୬.୩୭ ମିଟର) ସ୍ୱର୍ଣ୍ଣ ପଦକ ପାଇଥିଲେ । ମହିଳା

ଜାତୀୟ ଅନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ : ୨୦୦ ମିଟରରେ ଅନିମେଶଙ୍କୁ ଏସିଆଡ୍ ଟିକେଟ

ଭୁବନେଶ୍ୱର, ୨୫/୬ (ଆ.ପ୍ର) : ଭଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଜାତୀୟ ଅନ୍ତଃ ରାଜ୍ୟ ସିନିୟର ଅଥଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିନରେ ପୁରୁଷ ୨୦୦ ମିଟରରେ ଓଡ଼ିଶାକୁ ୨ଟି ପଦକ ମିଳିଛି । ଅନିମେଶ କୁଜୁର ୨୦୦ ମିଟରରେ ସ୍ୱର୍ଣ୍ଣ ଜିତିବା ସହ ଆଗାମୀ ଏସୀୟ କ୍ରୀଡ଼ାକୁ ଯୋଗ୍ୟତା ହାସଲ କରିଛନ୍ତି । ସେ ନିର୍ଦ୍ଧାରିତ ଦୂରତାକୁ ୨୦.୭୪ ସେକେଣ୍ଡ ନେଇଥିଲେ । ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଗାରମିଂ ରହିଛି ୨୦.୮୮ ସେକେଣ୍ଡ । ଜିଏମ୍ ଭୟରାମ ୨୦.୯୭ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଥିଲେ । ମହିନା ପୋଲଉଲ୍ଲୁରେ କର୍ଣ୍ଣାଟକର ଝିଞ୍ଜୁଶ୍ରୀ ୪.୨୫ ମିଟର ସହ ନୂଆ ଜାତୀୟ ରେକର୍ଡ (୪.୨୩ ମିଟର) ଓ ମିଟ୍ ରେକର୍ଡ କରିବା ସହ ଏସୀୟ କ୍ରୀଡ଼ାକୁ (୪.୧୦ ମିଟର) ଯୋଗ୍ୟତା ହାସଲ କରିଛନ୍ତି । ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବ ଚାରନିକା ଏଲନଗୋଲାନ (୪.୨୦ ମିଟର), ନିତିକା ଅକାରେ (୪.୧୦ ମିଟର) ଏସୀୟ କ୍ରୀଡ଼ା ଟିକେଟ୍ ହାସଲ କରିଛନ୍ତି । ପୁରୁଷ ହାଫ୍ ମାରାଥନରେ ଡାମିନାଦୁର ସେରାଜିନ (୧:୩୧:୪୯.୦୦) ସ୍ୱର୍ଣ୍ଣ ଜିତିଥିଲେ । ପୁରୁଷ ଡିସ୍କସ ଥ୍ରୋରେ ଜିରପାଲ ସା(୫୬.୩୭ ମିଟର) ସ୍ୱର୍ଣ୍ଣ ପଦକ ପାଇଥିଲେ । ମହିନା ସମ୍ବଲପୁରରେ ପ୍ରଥମଥର ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଏସିଆଡ୍ ଟିକେଟ୍ (୧୬.୨୫ ମିଟର) ପାଇଛନ୍ତି । ମନପ୍ରୀତ ଲୋକ (୧୭.୬୫ ମିଟର), ଦ୍ରୁଷ୍ଟି ଜୟ ଶଙ୍କର (୧୬.୯୬ ମିଟର) ଓ ପ୍ରିଷ୍ଟି ଭିଜ (୧୬.୯୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ । ମହିନା ୮୦୦ ମିଟରରେ ପ୍ରଥମରୁ ତୃତୀୟ ସ୍ଥାନ ହାସଲ କରିଥିବା ଗୋମତୀ ଭୟରାମନ, ପୂଜା ଓ ଜିକି ଦାସ ଏସୀୟ କ୍ରୀଡ଼ାକୁ (୨:୦୫.୨୧) ଯୋଗ୍ୟତା ହାସଲ କରିଛନ୍ତି । ପୁରୁଷ ୮୦୦ ମିଟରରେ ମାଲ୍ଦାର ଅଫଜଲ ୧:୪୮.୫୬ ସେକେଣ୍ଡ ସହ ସ୍ୱର୍ଣ୍ଣ ଜିତି ଏସିଆଡ୍ ଟିକେଟ୍ (୧:୪୮.୮୦) ପାଇଛନ୍ତି । ମହିନା ୨୦୦ ମିଟରରେ ଏସିଆଡ୍ ଯୋଗ୍ୟତା ଡାଇମିଂ ରହିଛି ୨୩.୭୦ ସେକେଣ୍ଡ । ହରିଦା ଇନ୍ଦ୍ରା (୨୩.୧୪ ସେକେଣ୍ଡ), ଜଳୁଟି ଦାବରା (୨୩.୪୦ ସେକେଣ୍ଡ) ଓ ପ୍ରକୃତି ରୂପା ରାଓ (୨୩.୫୮ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଜିତି ଏସିଆଡ୍ ଯୋଗ୍ୟତା ଲାଭ କରିଛନ୍ତି ।

କେତନ ହତ୍ୟା ମାମଲା: 'ଆମ ଝିଅ ଯଦି ଦୋଷୀ ତାକୁ ମୃତ୍ୟୁଦଣ୍ଡ ଦିଆଯାଉ': ସିୟାଙ୍କ ବାପାମା'

ପୁଣେ, ୨୫/୬(ନ୍ୟୁ.ଏ): ପୁଣେର ଗିରୟେ ଲଜେଣ୍ଟ ବ୍ୟବସାୟୀ କେତନ ଅଗ୍ରୱାଲଙ୍କୁ ହତ୍ୟା ମାମଲାରେ ପୁଲିସକୁ ନୂଆ ତଥ୍ୟ ମିଳିଛି । ଅଭିଯୁକ୍ତ ସିୟା ଗୋୟଲ ଓ କେତନ ଚୌଧୁରୀଙ୍କୁ ଜେରାବେଳେ ପୁଲିସ ଅନେକ ନୂଆ କଥା କଣ୍ଡିଶାଲୁ ପାଇଛି । ଏହାକୁ ନେଇ ତଦନ୍ତକାରୀ ଦଳ ଚକିତ ହୋଇଯାଇଛି । ସିୟା ପୁଲିସ ଆଗରେ କହିଛି ଯେ, କେତନ ମୁଣ୍ଡରେ କେଶ ନଥିଲା ଓ ସେ ଏକ ୱିଗ୍ ପିନ୍ଧିଥିଲେ । ସିୟା ଏହାକୁ ପସନ୍ଦ କରୁନଥିଲେ, ତେଣୁ ସେ ତାଙ୍କୁ ବିବାହ କରିବାକୁ ଚାହୁଁ ନଥିଲେ । କେତନ କଥା କହିବା ସମୟରେ ତାଙ୍କ ପାତି ଲାଗୁଥିଲା, କେତନଙ୍କୁ ବିବାହ ନ କରିବାକୁ ତାଙ୍କ ପାଖରେ ଅନେକ କାରଣ ଥିଲା । ସେ କେତନଙ୍କୁ ରାଗ ପାଉଥିଲା । ଗୁପ୍ତ ଅନୁଯାୟୀ, ବିବାହ ସ୍ଥିର କରିବା ସମୟରେ ସିୟାଙ୍କ ପରିବାର ଲୋକଙ୍କୁ ଏ ସବୁ କଥା ଜଣାଥିଲା, କିନ୍ତୁ ସେମାନେ ଏହାକୁ ସାମାନ୍ୟ କଥା ବୋଲି ଗ୍ରହଣ କରୁଥିଲେ । କେତନଙ୍କ ବାପା ଷଷ୍ଠ କହିଛନ୍ତି ଯେ, ସିୟାଙ୍କ ପରିବାରକୁ କେତନଙ୍କ କେଶ ଝଡ଼ିବା ବିଷୟରେ ଅବଗତ କରାଯାଇଥିଲା । ସେମାନେ ଏହାକୁ ଏକ ଚିକିତ୍ସା ସମସ୍ୟା ବୋଲି କହିଥିଲେ । ଯଦି ସିୟା ଏହି କଥାରେ ସହମତ ନଥିଲେ ତେବେ ସେମାନଙ୍କ ପାଖରେ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର ସମ୍ପୂର୍ଣ୍ଣ ସୁଯୋଗ ରହିଥିଲା ବୋଲି କେତନଙ୍କ ବାପା କହିଛନ୍ତି । ଅନ୍ୟପକ୍ଷରେ ସିୟାଙ୍କ ବାପା ପ୍ରବୀଣ ଗୋୟଲ କହିଛନ୍ତି, କେତନ ମୋ ପାଇଁ ପୁଅ ପରି ଥିଲେ । କେତନଙ୍କ ମୃତ୍ୟୁ ଆମ ପୁରା ପରିବାରକୁ ଭାଙ୍ଗି ଦେଇଛି । ଯଦି ତାଙ୍କ ଝିଅ କେତନଙ୍କୁ ହତ୍ୟା କରିବାରେ ସାମିଲ ଥିବ ତାହାହେଲେ ତାଙ୍କୁ ମଧ୍ୟ ସେହି ଦୁର୍ଦ୍ଦଶା ନେଇ ଚଳୁଛି ଠେଲି ଦିଆଯାଉ । ସିୟାଙ୍କ ମା' ମଧ୍ୟ ତାଙ୍କ ଝିଅ ପାଇଁ ମୃତ୍ୟୁଦଣ୍ଡ ଦାବି କରିଛନ୍ତି ।

ରାଉଣ୍ଡ ୩୨କୁ ନେଦରଲାଣ୍ଡସ୍, ଜାପାନ, ସ୍ୱିଡେନ୍‌ର ଯୋଗ୍ୟତା

ଡାଲାସ୍, ୨୫/୬(ନ୍ୟୁ.ଏ): ଶୁକ୍ରବାର ଚଳିତ ବିଶ୍ୱକପ୍‌ର ଗ୍ରୁପ୍-ଏପ୍‌ରୁ କଳ୍‌ଆଉଟ୍ ସ୍ଥାନ ପକ୍ଷା ହୋଇଛି । ନେଦରଲାଣ୍ଡସ (୭ ପଏଂଟ) ଗ୍ରୁପ୍ ଟପର ଏବଂ ଜାପାନ (୫ ପଏଂଟ) ଦ୍ୱିତୀୟ ଏବଂ ସ୍ୱିଡେନ୍ (୪ ପଏଂଟ) ତୃତୀୟ ଦଳ ଭାବେ ରାଉଣ୍ଡ-୩କୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଶୁକ୍ରବାର ଭୋରରେ ସମକ୍ଷରାଲ ଭାବେ ଏହି ଗ୍ରୁପର ଖେଳାଯାଇଥିବା ଦୁଇଟି ମ୍ୟାଚରୁ ଗୋଟିଏ ଫଳାଫଳ ବାହାରିଥିଲା ବେଳେ ଅନ୍ୟଟି ଅମୀମାଂସିତ ରହିଥିଲା । କଳ୍‌ସାସ୍ ଷ୍ଟାଡିୟମ୍‌ରେ ନେଦରଲାଣ୍ଡସ ୩-୧ ଗୋଲ୍‌ରେ ଟ୍ୟୁନିସିଆଙ୍କୁ ପରାସ୍ତ କରିଥିଲା ବେଳେ ଡାଲାସ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ସ୍ୱିଡେନ୍ ଓ ଜାପାନ ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା । କଳସ୍ ଷ୍ଟାଡିୟମ୍‌ରେ ଟ୍ୟୁନିସିଆଙ୍କ ଲୁଲ୍ ପାଇଁ ତୃତୀୟ ମିନିଟ୍‌ରେ ନେଦରଲାଣ୍ଡସ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ଟ୍ୟୁନିସିଆଙ୍କ ଏସିୟସ୍ ସିଷ୍ଟର (୩ ମିନିଟ୍)କ ଆତ୍ମଘାତୀ ଦଳକୁ ପଛରେ ପକାଇଥିଲା । ଏହାର ୪ ମିନିଟ୍ ପରେ ଗିରିଲା ଭାନ୍ ଡିକ୍‌ଙ୍କ ଏକ ସୁନ୍ଦର ପାସ୍‌କୁ ଡ୍ରାଏନ୍ ବ୍ରୁବି (୭ ମିନିଟ୍) ଗୋଲ୍ ଦେଇ ନେଦରଲାଣ୍ଡସକୁ ୨-୦ରେ ଆଗୁଆ କରିଥିଲେ । ଏହାପରେ ଆଉ ଗୋଲ୍ ନ ହେବାରୁ ପ୍ରଥମାର୍ଦ୍ଧ ୨-୦ରେ ନେଦରଲାଣ୍ଡସ ପକ୍ଷରେ ରହିଥିଲା । ଦ୍ୱିତୀୟାର୍ଦ୍ଧର ନବମ ମିନିଟ୍‌ରେ ଟ୍ୟୁନିସିଆ ଗୋଟିଏ ଗୋଲ୍ ଶୁଝି ଦେଇଥିଲା । ଜାଜିବାଲ ମେଜ୍ରିଙ୍କ ପାସ୍‌ରେ ଜାଜାମ ମସେରି ଏହି ଗୋଲ୍ ଦେଇଥିଲେ । ୬୪ତମ ମିନିଟ୍‌ରେ ନେଦରଲାଣ୍ଡସର ଜାନ୍ ଫେଲ ଲାନ୍ ହେକେ ଦଳ ପାଇଁ ତୃତୀୟ ଗୋଲ୍ ଷ୍ଟୋର କରିଥିଲେ । ଏହି ଗୋଲ୍‌ରେ ଟିଡାନି ରାଇଜେଣ୍ଡର୍ସ ସହାୟତା କରିଥିଲେ । ଶେଷ ପର୍ଯ୍ୟନ୍ତ ଆଉ ଗୋଲ୍ ନ ହେବାରୁ ନେଦରଲାଣ୍ଡସ ୩-୧ରେ ବିଜୟ ବାଜା ଉଡ଼ାଇଥିଲା । ଅନ୍ୟପକ୍ଷରେ ଟ୍ୟୁନିସିଆ ହାଣ୍ଡ୍ରିକ୍ ପରାଜୟ ସହ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା । ନିଜ ନିଜର ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଜାପାନ ଓ ସ୍ୱିଡେନ୍ ପଏଂଟ ବାଂଟିହନ୍ତି । ଉଭୟ ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟଭାବେ ଶେଷ ହୋଇଥିଲା । ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ରିଡ୍‌ସୁ ହୁଆନଙ୍କ ପାସ୍‌ରେ ଡାଲେଜେନ୍ ମାଏଦା (୫୬ ମିନିଟ୍) ଗୋଲ୍ ଦେଇ ଜାପାନକୁ ଆଗୁଆ କରିଥିଲେ । ଜାପାନର ଏହି ଖୁସି ବେଶୀ ସମୟ ରହି ନଥିଲା । ଏହାର ୬ ମିନିଟ୍ ପରେ ସ୍ୱିଡେନ୍ ଗୋଲ୍‌ଟି ଶୁଝି ସ୍ଥିତି ବରାବର କରି ଦେଇଥିଲା । ଲିଣ୍ଡେର ଯୋଜେଫରେଙ୍କ ସହାୟତାରେ ଆନଗ୍ଲାନି ଏଲାଙ୍ଗା (୬୨ ମିନିଟ୍) ଏହି ଗୋଲ୍‌ଟି ଦେଇଥିଲେ । ଶେଷ ପର୍ଯ୍ୟନ୍ତ କେହି ଜାଜିବାକୁ ଗୋଲ୍ ଦେବାକୁ ସକ୍ଷମ ନ ହେବାରୁ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା । ଏହି ଅମୀମାଂସିତ ସହ ଜାପାନ ଲଗାତାର ତୃତୀୟ ଥର ଲାଗି ବିଶ୍ୱକପ୍‌ର ନକ୍‌ଆଉଟ୍ ସ୍ଥାନ ପକ୍ଷା କରିଥିଲା । ସେହିପରି ୨୦୧୮ ପରେ ସ୍ୱିଡେନ୍ ନକ୍‌ଆଉଟ୍‌ରେ ପହଂଚିଥିଲା । ୨୦୧୮ରେ କ୍ୱାର୍ଟରଫାଇନାଲ୍ ଖେଳିଥିବା ସ୍ୱିଡେନ୍ ୨୦୨୨ରେ ନକ୍‌ଆଉଟ୍ ପୂର୍ବରୁ ବିଦାୟ ନେଇଥିଲା ।

ଭେନେଜୁଏଲାରେ ଭୂମିକମ୍ପ; ତୈଳ ସଙ୍କଟ ଭୟରେ ଭାରତ

ନୂଆଦିଲ୍ଲୀ, ୨୫/୬(ନ୍ୟୁ.ଏ): ଶକ୍ତିଶାଳୀ ଭୂମିକମ୍ପରେ ଜିନରିନ୍ ଭେନେଜୁଏଲା । ଭେନେଜୁଏଲାରେ ପ୍ରାୟ ୧୨୫ ବର୍ଷର ସବୁଠାରୁ ଶକ୍ତିଶାଳୀ ଦୁଇଟି ଭୂମିକମ୍ପ ୭.୨ ଏବଂ ୭.୫ ତୀବ୍ରତାରେ ଅନୁଭୂତ ହୋଇଛି । ଏଥିରେ ଶହାଧିକ ଲୋକଙ୍କ ମୃତ୍ୟୁ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି । ସବୁଠାରୁ ଚିନ୍ତାଜନକ କଥା ହେଉଛି ଭାରତ ଉପରେ ଏହାର ବଡ଼ ପ୍ରଭାବ ପଡ଼ିପାରେ । ଏହା ପଛରେ କାରଣ କ'ଣ ଆସନ୍ତୁ ଜାଣିବା । ମଧ୍ୟ-ପ୍ରାଚ୍ୟରେ ଚାଲିବ ବିବାଦ କାରଣରୁ ଭାରତ ନିଜର ଅଶୋଧିତ ତୈଳ ଆମଦାନୀ ପାଇଁ ଭେନେଜୁଏଲା ଉପରେ ନିର୍ଭରଶୀଳତା ବଢ଼ାଇଥିଲା । ଗତ ଏପ୍ରିଲ ଓ ମେ ମାସରେ ଭାରତ ସେଠାରୁ ପ୍ରଚୁର ତେଲ କିଣିଥିଲା । ଭୂମିକମ୍ପ ଯୋଗୁଁ ତେଲ ପ୍ରଳକ୍ଷ ସହ ବନ୍ଦର, ବିଦ୍ୟୁତ୍ ସେବା ଏବଂ ପରିବହନ ବ୍ୟବସ୍ଥା ବିଛିନ୍ନ ହୋଇଯାଇଛି । ଭେନେଜୁଏଲାର ମୁଖ୍ୟ ବନ୍ଦର 'ଲା ଗୁଆଇରା'କୁ ବିପର୍ଯ୍ୟୟ ଅଂଚଳ ଘୋଷିତ କରାଯାଇଛି । ଜାହାଜ ଚଳାଚଳରେ ବିଳମ୍ବ ଏବଂ ବୀମା ଖର୍ଚ୍ଚ ବୃଦ୍ଧି ଯୋଗୁଁ ଭାରତ ପାଇଁ ତେଲ ଆମଦାନୀ ମହଙ୍ଗା ହେବ । ଏହାର ଦୀର୍ଘସମୟ ପ୍ରଭାବ ଘରୋଇ ବଜାରରେ ପେଟ୍ରୋଲ ଓ ଡିଜେଲ ଦର ଉପରେ ପଡ଼ିପାରେ । ଭାରତର ବିଦେଶ ମନ୍ତ୍ରଣାଳୟ ସରକାରୀ ସଂସ୍ଥା ହଫଏଣ୍ଡ ବିଦେଶ ଭେନେଜୁଏଲାର ତୈଳ ପ୍ରକଳ୍ପରେ ବଡ଼ ଧନରାଶି ନିବେଶ କରିଛି । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲ୍ସି ରୋଡ୍ରିଗେଜ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ନେଇ ଆଲୋଚନା ହୋଇଥିଲା । କିନ୍ତୁ, ଏହି ଭୂମିକମ୍ପ ଭାରତର ଆର୍ଥିକ ସ୍ୱାର୍ଥ ଓ ନିବେଶ ଯୋଜନାକୁ ଧକ୍କା ଦେଇଛି । ବିଶେଷଜ୍ଞଙ୍କ ମତରେ ମଧ୍ୟ-ପ୍ରାଚ୍ୟ ଉପରୁ ନିର୍ଭରଶୀଳତା କମାଇବାକୁ ଭାରତ ଯେଉଁ ନୂଆ ସପ୍ଲାଏ ଚେନ୍ ତିଆରି କରୁଥିଲା, ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଏବେ ସେଥିରେ ଏକ ବଡ଼ ପ୍ରତିବନ୍ଧକ ସୃଷ୍ଟି ହୋଇଛି ।

ଭେନେଜୁଏଲା ପରେ ଫିଲିପାଇନ୍ସରେ ଶକ୍ତିଶାଳୀ ଭୂମିକମ୍ପ

ମାନିଲା, ୨୫/୬(ନ୍ୟୁ.ଏ): ବିପର୍ଯ୍ୟୟ ପରେ ବିପର୍ଯ୍ୟୟ । ଭେନେଜୁଏଲାରେ ପ୍ରଳୟଙ୍କାରୀ ଭୂମିକମ୍ପରେ ଶହ ଶହ ଲୋକଙ୍କ ମୃତ୍ୟୁର ମାତ୍ର ଗୋଟିଏ ଦିନ ପରେ, ଶୁକ୍ରବାର ସନ୍ଧ୍ୟାରେ ଦକ୍ଷିଣ ଫିଲିପାଇନ୍ସରେ ଆଉ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ଆମେରିକାର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ସୂଚନା ଅନୁଯାୟୀ, ରିଚ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୬.୭ ରେକର୍ଡ କରାଯାଇଛି । ଏହି ଭୂମିକମ୍ପଟି ସ୍ଥାନୀୟ ସମୟ ରାତି ପ୍ରାୟ ୭:୪୨ରେ ମିନ୍ଦାନାଓ ଦ୍ୱୀପର ସାରାଙ୍ଗାନି ସହରଠାରୁ ପ୍ରାୟ ୨୧ କିଲୋମିଟର ପଶ୍ଚିମ-ପଶ୍ଚିମରେ ଭୂଗର୍ଭରେ ୬୫.୭ କିଲୋମିଟର ଗଭୀରତାରେ ସୃଷ୍ଟି ହୋଇଥିଲା । ସୂଚନାଯୋଗ୍ୟ ଯେ, ମାତ୍ର ତିନି ସପ୍ତାହ ପୂର୍ବରୁ ଏହି ଅଂଚଳରେ ଆସିଥିବା ଏକ ବଡ଼ ଭୂମିକମ୍ପ ଝଟକା ଯୋଗୁଁ ୮୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ତେବେ ବର୍ତମାନର ଏହି ଭୂମିକମ୍ପ ପରେ ତୁରନ୍ତ କୌଣସି ସୁନାମି ସତର୍କତା ଜାରି କରାଯାଇ ନାହିଁ ।

ଦଳ ସହ ଧୋକା କରିବାର ଅର୍ଥ ମା'ଙ୍କୁ ଛାଡ଼ିବା : ମମତା

ନୂଆଦିଲ୍ଲୀ, ୨୫/୬(ନ୍ୟୁ.ଏ): ନିର୍ବାଚନ ପରାଜୟ ପରେ ବିଦ୍ରୋହ ଘୋଷଣା କରିଥିବା ତିଏମସିର ବିଧାୟକ, ସାଂସଦ ଓ କାଉନସିଲରମାନଙ୍କ ଉପରେ ବର୍ଷିଛନ୍ତି ଦଳର ସୁପ୍ରିମୋ ମମତା ବାନାର୍ଜୀ । ସେ ଦଳ ସହ ଧୋକା କରିଥିବା ନେତାଙ୍କୁ ରୋଗିଣୀ ମା'ଙ୍କୁ ଛାଡ଼ି ଦେଉଥିବା ଲୋକଙ୍କ ସହ ତୁଳନା କରିଛନ୍ତି । ଗତର ଲୋକସଭାର ତିଏମସି ଦୌଡରେ ଜିତିଓ କମପଟେନ୍ସିଙ୍କ ଜରିଆରେ ସମ୍ବୋଧନ କରିଥିବା ମମତା ନିଜ ଭାଷଣ ମାଧ୍ୟମରେ ଦଳୀୟ କର୍ମୀ ଓ ଜନସାଧାରଣଙ୍କ ଉତ୍ସାହିତ କରିବାକୁ ଚେଷ୍ଟା କରିଛନ୍ତି । ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ନିୟମିତ ଦମନକାରୀ ଚିରୋଧରେ ସମ୍ବଳଙ୍କୁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି । ବିଧାନସଭା ନିର୍ବାଚନ ପରେ ଦଳ ଛାଡ଼ିଥିବା ବିଦ୍ରୋହୀଙ୍କ ଉଦ୍ଦେଶ୍ୟରେ ମମତା କହିଛନ୍ତି ଯେ "ଏହା ଏମିତି ଜଣେ ମା'ଙ୍କ ପରି, ଯିଏ ସାରା ଜୀବନ ଆପଣଙ୍କୁ ଲାଳନ-ପାଳନ କରିଛନ୍ତି, କିନ୍ତୁ ସେ ଅସୁସ୍ଥ ହେଲା ବେଳେ ଆପଣ ତାଙ୍କର ଯତ୍ନ ବା ସେବା କରିବାକୁ ମନା କରି ଛାଡ଼ି ଦିଅନ୍ତି । ବିଶ୍ୱାସଘାତକମାନଙ୍କ ପାଇଁ କୌଣସି କ୍ଷମା ନାହିଁ । ସେମାନେ ଆଜି ନୁଏତ ନିଜକୁ ବଂଚାଲ ପାରନ୍ତି । କିନ୍ତୁ ଭବିଷ୍ୟତରେ ଜନସାଧାରଣଙ୍କ ସେମାନଙ୍କ ଠାରୁ ହିସାବ ମାଗିବେ । କର୍ମୀମାନେ ମଧ୍ୟ ସେମାନଙ୍କୁ ପ୍ରଶ୍ନ କରିବେ ।" କେନ୍ଦ୍ର ସରକାର ଓ ବିଜେପିକୁ ଟାର୍ଗେଟ କରି ସେ କହିଛନ୍ତି, "ସ୍ପର ଚାପି ଦେବାକୁ ନିୟମିତ ତଦନ୍ତ ଚାଲିଛି ଓ ମାମଲା ପରେ ମାମଲା ଦେଉଛି । ଲୋକମାନଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରାଯାଉଛି । ଅନେକ ଲୋକ ଲୟଭାଡ ହୋଇ ରହିଛନ୍ତି । ଛଳନାମାନଙ୍କ ଷଲଗୁଡ଼ିକୁ ଭାଙ୍ଗି ଦିଆଯାଉଛି । ଅନେକ ଲୋକ ଜାଲିକା ହରାଇଛନ୍ତି । ଅନେକ ଲୋକ ନିଜ ସ୍ୱପ୍ନ ଧ୍ୱଂସ ହେଉଥିବା ଦେଖି ବିଚଳିତ ହେବାରେ ଲାଗିଛନ୍ତି ।" ଗୋଟି